Bhubaneswar- 26 June 2026
ଭୁବନେଶ୍ୱର- ୨୬ ଜୁନ୍ ୨୦୨୬
Vol- 1 Issue - 60
ଭାଗ- ୧ ସଂଖ୍ୟା- ୬୦
www.pratishabda.com
Email : pratishabda7@gmail.com
Also Available In : YouTube

ପ୍ରତିଶବ୍ଦ
THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
«ଯୋଗାଯୋଗ»
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୬୯୨୭୦୧୦୦୭

ଭୟଙ୍କର ଭୂକମ୍ପରେ ଭୁଶୁଡ଼ିଲା ଭେନେଜୁଏଲା

- ଧ୍ୱଂସସ୍ତୁପ ତଳୁ ଜୀବନ ଖୋଜା
- ୧୭୦ ମୃତ, ୧୦୦୦ ଆହତ
- ୧୦ ହଜାର ମୃତ୍ୟୁ ଆଶଙ୍କା
- ମାଟିରେ ମିଶିଲା ରାଜଧାନୀ କାରାକାସ
- ଦେଶରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା
- ସହଯୋଗର ହାତ ବଢ଼ାଇଲା ଭାରତ
- ଜାପାନ, ନେପାଳ ଓ କାର୍ଲିଫର୍ଣ୍ଣିଆରେ ମଧ୍ୟ ଭୂକମ୍ପର ଝଟକା

ନୂଆଦିଲ୍ଲୀ: ଡବଲ ଭୂକମ୍ପ ଝଟକାରେ ଦୋହଲି ଯାଇଛି ଭେନେଜୁଏଲା। ମାତ୍ର ୩୯ ସେକେଣ୍ଡ ବ୍ୟବଧାନରେ ଦୁଇ ଦୁଇଟି ବଡ଼ ଭୂକମ୍ପରେ ଛାରଖାର ହୋଇଯାଇଛି ଭେନେଜୁଏଲା। ପ୍ରଥମେ ୭.୨ ଓ ପରେ ୭.୫ ତୀବ୍ରତା ଭୂକମ୍ପ ଝଟକା ଭୟଙ୍କର କ୍ଷୟକ୍ଷତି କରିଛି। ରାସ୍ତା ଫାଟି ଆଁ କରିଥିବା ବେଳେ ବଡ଼ବଡ଼ ବିଲଡିଂ ତାସର ଘର ପରି ଭୁଶୁଡ଼ି ପଡ଼ିଛି। ରାଜଧାନୀ କାରାକାସ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ସୁନାମି ଆଲର୍ଟ ଜାରି କରାଯାଇଛି। ବିଗତ ଗୋଟିଏ ଶତାବ୍ଦୀ ମଧ୍ୟରେ ଏପରି ଡବଲ ଭୂକମ୍ପ ଲାଟିନ ଆମେରିକୀୟ ଦେଶରେ ପ୍ରଥମ ଘଟଣା। ଏଯାଏ ପ୍ରଶାସନ କେବଳ ୧୭୦ ଜଣଙ୍କ ମୃତ୍ୟୁ ଓ ୧୦୦୦ରୁ ଅଧିକ ଲୋକ ଆହତ ହୋଇଥିବା ସୂଚନା ଦେଇଛି। କିନ୍ତୁ ଭୂକମ୍ପରେ ଯେଉଁଭଳି କ୍ଷୟକ୍ଷତି ହୋଇଛି, ତା'କୁ ଦେଖି ଆମେରିକା ଜିଓଲୋଜିକାଲ ସର୍ଭେ ଆକଳନ କରିଛି ଯେ ମୃତ୍ୟୁସଂଖ୍ୟା ୧୦ ହଜାରରୁ ୧ ଲକ୍ଷ ମଧ୍ୟରେ ରହିପାରେ। ଭୂକମ୍ପ ଝଟକା ପରେ ରାଜଧାନୀ କାରାକାସ ସହର ଧ୍ୱଂସସ୍ତୁପରେ ପରିଣତ ହୋଇଛି। ଚାରିଆଡ଼େ କେବଳ ଧୂଳି, ଧୂଆଁ ଓ ଆତଙ୍କ ଦେଖିବାକୁ ମିଳିଛି। ବଡ଼ ବଡ଼ ବିଲଡିଂ ମାଟିରେ ମିଶି ଯାଇଥିବା ବେଳେ ଧ୍ୱଂସାବଶେଷ ଭିତରେ ନିଜ ପରିବାର ଓ ପରିଚିତଙ୍କୁ ଖୋଜିବା ପାଇଁ ଲୋକମାନେ ଲାଗି ପଡ଼ିଛନ୍ତି। ଅନେକ ବଡ଼ ବଡ଼ ବିଲଡିଂ ଭୁଶୁଡ଼ି ପଡ଼ିଥିବା ବେଳେ ରାସ୍ତାଘାଟରେ ଫାଟ ସୃଷ୍ଟି ହୋଇଥିଲା। ଦୁଇଟି ବଡ଼ ଭୂକମ୍ପ ଝଟକା ପରେ ୪.୯ରୁ ୬.୪ ତୀବ୍ରତାର ଅତି କମରେ ଆଉ ୨୦ଟି ଝଟକା ମଧ୍ୟ ଲୋକମାନେ ଅନୁଭବ କରିଛନ୍ତି। ଭୂକମ୍ପରେ ସବୁ କିଛି ଛାରଖାର ହୋଇଯାଇଥିବେ ବେଳେ ଏବେ ଉଦ୍ଧାରକାରୀ ଦଳ, ପୁଲିସ ଓ ବିପର୍ଯ୍ୟୟ ପରିଚାଳନା ଟିମ୍ ଧ୍ୱଂସସ୍ତୁପ ତଳେ ଫସିଥିବା ଲୋକଙ୍କୁ ଉଦ୍ଧାର କରିବାରେ ଲାଗିପଡ଼ିଛନ୍ତି। ଭୂକମ୍ପର ପ୍ରଭାବ କାରାକାସ ଓ ସମୁଦ୍ରତଟବର୍ତ୍ତୀ ଲା ଗୁଆଇରାରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି। କାରାକାସର ସବୁଠାରୁ ପ୍ରମୁଖ ଅଞ୍ଚଳ ଆଲ୍ଟାମିରାରେ ଉଦ୍ଧାରକାରୀ ଦଳ ଓ ସ୍ୱେଚ୍ଛାସେବୀ ଖନନ ଯନ୍ତ୍ର ସାହାଯ୍ୟରେ ଧ୍ୱଂସସ୍ତୂପ ହଟାଇ ଜୀବିତ ଲୋକଙ୍କୁ ଖୋଜିବାରେ ଲାଗିଛନ୍ତି। ଧ୍ୱଂସସ୍ତୁପ ଭିତରୁ ଜଣେ କିଶୋରୀଙ୍କୁ ଜୀବିତ ଉଦ୍ଧାର କରାଯାଇଛି। କାରାକାସର ଉତ୍ତରରେ ଥିବା ବନ୍ଦର ସହର ଲା ଗୁଆଇରାରେ ମଧ୍ୟ ବ୍ୟାପକ କ୍ଷତି ଘଟିଛି। ଭେନେଜୁଏଲାର ପ୍ରମୁଖ ଅନ୍ତର୍ଜାତୀୟ ବିମାନବନ୍ଦର ସାଇମନ୍ ବୋଲିଭାର ଇଣ୍ଟରନ୍ୟାଶନାଲ ବିମାନବନ୍ଦରରେ କ୍ଷତି ଘଟିଥିବାରୁ କର୍ତ୍ତୃପକ୍ଷ ଏହାକୁ ବନ୍ଦ କରିଦେଇଛନ୍ତି। ଭେନେଜୁଏଲାର ଅନ୍ତରୀଣ ରାଷ୍ଟ୍ରପତି ଡେଲ୍ସି ରୋଡ୍ରିଗେଜ୍ ଦେଶରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିବା ସହ ମୃତକଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସେହିପରି ଉଦ୍ଧାର କାର୍ଯ୍ୟରେ ସହଯୋଗ କରିବାକୁ ଅନେକ ବିଦେଶୀ ରାଷ୍ଟ୍ର ଆସୁଥିବା ସୂଚନା ଦେଇଛନ୍ତି। ବିଶେଷ କରି ଆମେରିକା, କତର ଓ ମେକ୍ସିକୋ ଉଦ୍ଧାରକାରୀ ପଠାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଭେନେଜୁଏଲାକୁ ସହାୟତାର ହାତ ବଢ଼ାଇଛି ଭାରତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୟଙ୍କର ଭୂକମ୍ପ ଘଟଣାରେ ଦୁଃଖ ପ୍ରକାଶ କରି ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ଆହତମାନଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି। ସଙ୍କଟର ଏହି ସମୟରେ ଭେନେଜୁଏଲା ସହ ଭାରତ ଦୃଢ଼ ଭାବେ ଠିଆ ହୋଇଥିବା କହିଛନ୍ତି ମୋଦି। ଆବଶ୍ୟକ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ଭାରତ ପ୍ରସ୍ତୁତ ବୋଲି ସେ ଆଶ୍ୱାସନା ଦେଇଛନ୍ତି। ଗୁରୁବାର ସକାଳେ ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ନେପାଳରେ ୨୫ କିଲୋମିଟର ଗଭୀରତାରେ ଆଜି ସକାଳ ୫.୨୧ରେ ଭୂକମ୍ପ ଅନୁଭୂତ ହୋଇଥିବା ଉଲ୍ଲେଖ ରହିଛି।ଏକ୍ସରେ କୁହାଯାଇଛି, ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୩.୮ ଥିଲା। ଅଗଭୀର ଭୂକମ୍ପ ସାଧାରଣତଃ ଗଭୀର ଭୂକମ୍ପ ଅପେକ୍ଷା ଅଧିକ ବିପଜ୍ଜନକ। କାରଣ ଅଗଭୀର ଭୂକମ୍ପରୁ ସୁନାମି ଆସିବାର ଯଥେଷ୍ଟ ସମ୍ଭାବନା ଥାଏ। ଯାହା ଫଳରେ ଭୂକମ୍ପ ଅଧିକ ଶକ୍ତିଶାଳୀ ହୁଏ, ଅଧିକ କ୍ଷତି ପହଞ୍ଚାଏ ଏବଂ ଅଧିକ ମୃତାହତ ବି ହୁଅନ୍ତି। ସେହିପରି ଜାପାନ ଓ କାଲିଫର୍ଣ୍ଣିଆରେ ବଡ଼ଧରଣ ଭୂମିକମ୍ପ ଆସିଥିବା। ଜଣାଯାଇଛି ଭେନେଜୁଏଲାରେ ଦୁଇଟି ଶକ୍ତିଶାଳୀ ଭୂମିକମ୍ପ ଆସିବାର କିଛି ସମୟ ପରେ ଜାପାନକୁ ମଧ୍ୟ ଏକ ବଡ଼ଧରଣର ଭୂମିକମ୍ପ ଦୋହଲାଇ ଦେଇଥିଲେ। ଉତ୍ତର କାଲିଫର୍ଣ୍ଣିଆରେ ଏକ ମଧ୍ୟମ ଧରଣ ଭୂକମ୍ପ ଆସି ବ୍ୟାପକ ଅଞ୍ଚଳରେ କମ୍ପନ ସୃଷ୍ଟି ହୋଇଥିଲା।

ହାତୀ ଆକ୍ରମଣରେ ଯୁବକ ମୃତ

ସମ୍ବଲପୁର: ସମ୍ବଲପୁର ଜିଲା ଯୁଯୋମୁରା ଥାନା ଅନ୍ତର୍ଗତ ଭୀମଖୋଜ ଗ୍ରାମରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କର ମୃତ୍ୟୁ ହୋଇଛି । ମୃତକ ହେଲେ ଭୀମଖୋଜ ଗ୍ରାମ ଓରାମପଡ଼ାର ବାସିନ୍ଦା ମହେନ୍ଦ୍ର ନାୟକ (୪୬)। ଗୁରୁବାର ସକାଳ ପ୍ରାୟ ୧୦ଟା ସମୟରେ ଏହି ଅଘଟଣ ଘଟିଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ଖବର ପାଇ ବନ ବିଭାଗର କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି । ବର୍ତ୍ତମାନ ପୋଲିସ ଓ ବନ ବିଭାଗ ପକ୍ଷରୁ ଏହି ଘଟଣାର ଅଧିକ ତଦନ୍ତ ଜାରି ରହିଛି। ଅଞ୍ଚଳରେ ହାତୀ ଆତଙ୍କ ଯୋଗୁଁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି ।

କଣ୍ଟାପଡ଼ା ଗାଁରେ ହୃଦୟବିଦାରକ ଘଟଣା
କାନ୍ଧ ନ ମିଳିବାରୁ ସାଇକେଲରେ ବୁହାହେଲା ଶବ

ବରଗଡ଼: ବରଗଡ଼ ଜିଲା ପାଇକମାଳ କଣ୍ଟାପଡ଼ାରେ ଗୁରୁବାର ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। କଣ୍ଟାପଡ଼ାର ବୃଦ୍ଧା ଜୟନ୍ତୀ ବଛା(୮୦)ଙ୍କ ଗୁରୁବାର ସକାଳ ପ୍ରାୟ ୮ଟାରେ ହୋଇଥିଲା। ହେଲେ ମୃତଦେହ ଦୀର୍ଘ ସମୟ ଧରି ପଡି ରହିଥିବା ବେଳେ କାନ୍ଧ ଦେବାକୁ ସାହି ପଡ଼ିଶା କେହି ଆସି ନ ଥିଲେ। ଏଭଳି ସ୍ଥିତିରେ ବୃଦ୍ଧାଙ୍କ ବିଧବା ପୁତ୍ରବଧୂ ଯାଜ୍ଞସେନୀ ବଛା, ନାତି ଶୁଭମ୍ ବଛା ଏବଂ ଝିଅ ବାସନ୍ତୀ ବଛା କୌଣସି ଉପାୟ ନ ପାଇ ସାଇକଲରେ ମୃତଦେହ ବାନ୍ଧି ଶ୍ମଶାନକୁ ନେଇ ଅନ୍ତିମ ସଂସ୍କାର କରିଥିଲେ। ବର୍ତ୍ତମାନ ଏହି ଘଟଣାର ଭିଡିଓ ଭାଇରାଲ ହେବାରେ ଲାଗିଛି। ଏପରିକି ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ମିଳିଥିବା ସୂଚନା ମୁତାବକ, ମୃତକ ଜୟନ୍ତୀ ବଛା(୮୦)। ତାଙ୍କର ଗୋଟିଏ ପୁଅ ସାତ ମାସ ତଳେ ମୃତ୍ୟୁବରଣ କରିଥିଲେ। ଏଭିଳିସ୍ଥିତିରେ ତାଙ୍କ ପାଖରେ ବିଧବା ପୁତ୍ରବଧୂ ଯାଜ୍ଞସେନୀ ବଛା, ନାତି ଶୁଭମ୍ ବଛା ଏବଂ ଝିଅ ବାସନ୍ତୀ ବଛା ରହୁଥିଲେ। ଦୀର୍ଘ ଦିନ ହେଲା ସାନପୁଅ ପଞ୍ଚା ବଛା ସ୍ତ୍ରୀଙ୍କ ଧରି ଭଞ୍ଜନଗରରେ ରହୁଥିବା ସୂଚନା ମିଳିଛି। ଝିଅ ବାସନ୍ତୀ, ସାନପୁଅ ପଞ୍ଚା ମଧ୍ୟ ମାନସିକ ରୋଗୀ ବୋଲି ସୂଚନା ମିଳିଛି।

ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା

- ହରିହର ଶ୍ରେଷ୍ଠ ଅଭିନେତା, ନୈନା ଅଭିନେତ୍ରୀ
- ପୁଷ୍କରା, ମାଇଁ ସ୍ୱିଟ ହାଉସ୍ ୱାଇଫ, ଆଶ୍ରମ ଶ୍ରେଷ୍ଠ ଫିଲ୍ମ

ଭୁବନେଶ୍ୱର : ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା କରାଯାଇଛି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା କରାଯାଇଛି । ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ୨୦୨୩ ଓ ୨୦୨୪ ବର୍ଷ ପାଇଁ ପୁରସ୍କାର ଘୋଷଣା କରିଛନ୍ତି। ୨୦୨୩ ବର୍ଷ ପାଇଁ ମୋହନ ସୁନ୍ଦରଦେବ ଗୋସ୍ୱାମୀ ସମ୍ମାନ ଅଭିନୋତ ଶ୍ୟାମଳେନ୍ଦୁ ଭଟ୍ଟାଚାର୍ଯ୍ୟଙ୍କୁ ମିଳିଥିବା ବେଳେ ୨୦୨୪ ପାଇଁ ଅଭିନେତ୍ରୀ ନମ୍ରତା ଦାସଙ୍କୁ ମିଳିଛି।୨୦୨୩ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର । ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର - 'ପୁଷ୍କରା', 'ମାଇଁ ସ୍ୱିଟ ହାଉସ୍ ୱାଇଫ (ଯୁଗ୍ମ),ଶ୍ରେଷ୍ଠ ନିର୍ଦ୍ଦେଶକ - ପିନାକୀ ସିଂ , ଶିଶିର କୁମାର ସାହୁ,ଶ୍ରେଷ୍ଠ ଅଭିନେତା - ହରିହର ମହାପାତ୍ର, ଭଗିଆ ଭାରିଜା,ଶ୍ରେଷ୍ଠ ଅଭିନେତ୍ରୀ - ନୈନା ଦାସ, ସୁପ୍ରିୟା ନାୟକ, ଶ୍ରେଷ୍ଠ ଖଳ ଅଭିନେତା- ଚୌଧୁରୀ ବିକାଶ ଦାସ ,ଶ୍ରେଷ୍ଠ ଖଳ ଅଭିନେତ୍ରୀ-ପିଙ୍କି ପ୍ରଧାନ , ଶ୍ରେଷ୍ଠ ହାସ୍ୟ ଅଭିନେତା- ସନ୍ତୋଷ କୁମାର କାଣ୍ଡୀ , ଶ୍ରେଷ୍ଠ ଶିଶୁ ଅଭିନେତ୍ରୀ –ଆଲିଆ ନନ୍ଦ, ୨୦୨୪ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର , ଶ୍ରେଷ୍ଠ ଚଳଚ୍ଚିତ୍ର - ଆଶ୍ରମ , ଶ୍ରେଷ୍ଠ ନିର୍ଦ୍ଦେଶକ - ଅଶୋକ ପତି , ଶ୍ରେଷ୍ଠ ଅଭିନେତା - ବାବୁଶାନ୍ , ଶ୍ରେଷ୍ଠ ଅଭିନେତ୍ରୀ - ଦେବଯାନୀ ବେଘୁରିଆ ଶ୍ରେଷ୍ଠ ଖଳ ଅଭିନେତା- ହର ରଥ , ଶ୍ରେଷ୍ଠ ଖଳ ଅଭିନେତ୍ରୀ-ଉଷସୀ ମିଶ୍ର , ଶ୍ରେଷ୍ଠ ହାସ୍ୟ ଅଭିନେତା -ଜୀବନ ପଣ୍ଡା ଜୁନ୍ ୨୬ ତାରିଖରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ସମାରୋହ ଅନୁଷ୍ଠିତ ହେବ ।ଚଳଚ୍ଚିତ୍ର ଜଗତରେ ଜୀବନବ୍ୟାପୀ ସାଧନା ପାଇଁ ସର୍ବୋଚ୍ଚ ପୁରସ୍କାର ମୋହନ ସୁନ୍ଦର ଦେବ ଗୋସ୍ୱାମୀ ପୁରସ୍କାର ସମେତ ବିଭିନ୍ନ ବର୍ଗରେ ଶ୍ରେଷ୍ଠ ବିବେଚିତ ହୋଇଥିବା ପ୍ରତିଭାମାନଙ୍କୁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯିବ। ୨୦୨୩ ପାଇଁ ୩୦ଟି ବର୍ଗ ଏବଂ ୨୦୨୪ ପାଇଁ ୩୦ଟି ବର୍ଗରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯିବ। ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା କରିବା ସହିତ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମସ୍ତ ବିଜେତା ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି ଯେ, ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ନିଶ୍ଚିତ ଭାବରେ ଓଡ଼ିଶାରେ ଓଡ଼ିଆ ଭାଷାରେ ଉନ୍ନତ, ମୂଲ୍ୟବୋଧ ଭିତ୍ତିକ, ସାମାଜିକ ପ୍ରାସଙ୍ଗିକତା ବିଷୟ ବସ୍ତୁ ଉପରେ ଆଧାରିତ ଚଳଚ୍ଚିତ୍ର ପ୍ରସ୍ତୁତ କରିବା ନିମନ୍ତେ ପ୍ରୋତ୍ସାହନ ଯୋଗାଇବ। ଏଥିସହ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଓଡ଼ିଆ ଚଳଚ୍ଚିତ୍ର ଜଗତର ବିକାଶ ଓ ସମୃଦ୍ଧିରେ ଏକ ପ୍ରମୁଖ ଭୂମିକା ନିର୍ବାହ କରିବ ବୋଲି ମନ୍ତ୍ରୀ କହିଛନ୍ତି। ପ୍ରକାଶଯୋଗ୍ୟ ଯେ, ୩୫ତମ ଓ ୩୬ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରିବା ଚଳଚ୍ଚିତ୍ର ଜଗତର ବିଶିଷ୍ଟ ନିର୍ଦ୍ଦେଶକ ପ୍ରଣବ ଦାସଙ୍କ ଅଧକ୍ଷତାରେ ଏକ ଜୁରୀ କମିଟି ଗଠନ କରାଯାଇଥିଲା। ସାମ୍ବାଦିକ ସମ୍ମିଳନୀରେ ପ୍ରଣବ ଦାସଙ୍କ ସମେତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡ଼. ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା ପ୍ରମୁଖ ଉପସ୍ଥିତ ଥିଲେ।

ଏଲଇଡି ଷ୍ଟ୍ରିଟ୍ ଲାଇଟ୍ ଦୁର୍ନୀତି: ୩ ଠିକାଦାର ଗିରଫ

ଭୁବନେଶ୍ୱର : ପ୍ରତି ପଞ୍ଚାୟତରେ ଏଲଇଡି ଷ୍ଟ୍ରିଟ୍ ଲାଇଟ୍ ଲଗାଇବାରେ ବ୍ୟାପକ ଦୁର୍ନୀତି ଓ ସରକାରୀ ଅର୍ଥ ହରିଲୁଟ୍ ମାମଲାରେ ରାଜ୍ୟ ଭିଜିଲାନ୍ସ ଆଜି ୩ ଜଣ ଠିକାଦାରଙ୍କୁ ଗିରଫ କରିଛି। ଭିଜିଲାନ୍ସ ଏହି ମାମଲାରେ ଅଧିକ ଲୋକଙ୍କୁ ଗିରଫ କରିବାର ଆଶଙ୍କା ରହିଛି। ଭିଜିଲାନ୍ସ ପକ୍ଷରୁ ଜାରି ସୂଚନା ଅନୁସାରେ, ପଞ୍ଚମ ରାଜ୍ୟ ଅର୍ଥ ଆୟୋଗଙ୍କ ଅନୁଦାନରେ ଏଲଇଡି ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନରେ ବ୍ୟାପକ ଅନିୟମିତତା ଓ ସରକାରୀ ପାଣ୍ଠିର ଆତ୍ମସାତ୍ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ଏହି ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। କେନ୍ଦୁଝର, ନୟାଗଡ଼ ଓ ଯାଜପୁର ଜିଲ୍ଲାରେ ହୋଇଥିବା ପ୍ରାୟ ୩କୋଟି ଟଙ୍କାର ଦୁର୍ନୀତିରେ ଯେଉଁ ୩ ଜଣ ଠିକାଦାରଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରାଯାଇଛି ସେମାନେ ହେଲେ ମୟୂରଭଞ୍ଜ ଜିଲ୍ଲା ବାରିପଦାର ମେସର୍ସ ଟ୍ରାନ୍ସପାୱାରର ମାଲିକ ଗିରିଜା ଶଙ୍କର ଦାଶ, ଯାଜପୁର ଟାଉନର ମେସର୍ସ ବିରଜା ଇଲେକ୍ଟ୍ରିକାଲ୍ସ ଆଣ୍ଡ କନଷ୍ଟ୍ରକସନର ମାଲିକ ଧରଣୀଧର ସାହୁ ଓ ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ମେସର୍ସ ଯୋଗମାୟା ଟ୍ରେଡର୍ସର ମାଲିକ ବିଭୂତି ରଞ୍ଜନ ବିଶ୍ୱାଳ ।

ଡୁଙ୍ଗୁରିପଡାରେ ଘଟିଛି ଅଭାବନୀୟ ଘଟଣା
ପୁରୁଷ ବନ୍ଧୁ ସହ ମିଶି ସ୍ୱାମୀଙ୍କୁ ହତ୍ୟା କଲା ସ୍ତ୍ରୀ

ଝାରସୁଗୁଡ଼ା : ପୁରୁଷ ବନ୍ଧୁ ସହାୟତାରେ ସ୍ୱାମୀ କୁ ହତ୍ୟା କରି ବିଲରେ ଫିଙ୍ଗି ଦେଲା ସ୍ତ୍ରୀ । ସ୍ୱାମୀ ହତ୍ୟାକାରୀ ସ୍ତ୍ରୀ ଗୀତା ମିର୍ଦ୍ଧା, ସହ ପୁରୁଷ ବନ୍ଧୁ ଟିକିନୁ କିସାନ କୁ ଗିରଫ କରିଛି ପୋଲିସ । ଝାରସୁଗୁଡା ଜିଲ୍ଲା ରେଙ୍ଗାଲିଥାନା ଅନ୍ତର୍ଗତ ସାଗରପାଲି ସାହୁପଡା ଡୁଙ୍ଗୁରିପଡାରେ ଘଟିଛି ଏହିପରି ଏକ ଘଟଣା । ମୃତକ ଜଣକ ଶକ୍ତିଧର ସାହୁ ।

ଶକ୍ତିଧର ଓ ଗୀତା ମଧ୍ୟରେ ବଚସା ହୋଇଥିଲା। ବଚସା ସମୟରେ ପୁରୁଷ ବନ୍ଧୁ ଟିକିନୁ ମଧ୍ୟ ଉପସ୍ଥିତ ଥିଲା । ଟିକିନୁ ଶକ୍ତିଧରକୁ ଠେଲାପେଲା କରିବାସହ ତଳେ ପକେଇ କାବୁ କରିଥିଲା। ଏହାପରେ ଗୀତା ଏକ ଖଟର କାଠ ପୁହାରେ ଶକ୍ତିଧର ମୁଣ୍ଡରେ ଆକ୍ରମଣ କରିଥିଲେ । ଫଳରେ ଶକ୍ତିଧରଙ୍କ ମୃତ୍ୟୁ ହୋଇଥିଲା । ଏହାପରେ ଶକ୍ତିଧରଙ୍କୁ ସେମାନେ ଏକ ବିଲରେ ଫିଙ୍ଗି ଦେଇଥିଲେ । ବିଲରେ ମୃତଦେହ ପଡିଥିବା ଖବର ପାଇ ରେଙ୍ଗାଲି ପୋଲିସ ତଦନ୍ତ ଆରମ୍ଭ କରିବାସହ ଅଭିଯୁକ୍ତ ମାନଙ୍କୁ ଗିରଫ କରିଛି । ଶକ୍ତିଧର ଅନୁଗୁଳ ର ମୂଳ ନିବାସୀ ହୋଇଥିବାବେଳେ ଝାରସୁଗୁଡା ଜିଲ୍ଲା ସାହୁପଡାର ଗୀତା ମିର୍ଦ୍ଧାକୁ ବାହା ହୋଇଥିଲେ। ବାହାଘର ପରେ ପ୍ରାୟ ୨୦ ବର୍ଷ ହେବ ସେ ପରିବାରସହ ସାହୁପଡାରେ ରହୁଥିଲେ । ଶକ୍ତିଧର ଡ୍ରାଇଭର ଭାବରେ କାମ କରିବାସହ ଅନେକ ସମୟରେ ଘରୁ ବାହାରେ ରହୁଥିଲେ । ଏହାସହ ସେ ଅନେକ ସମୟରେ ନିଶା କରୁଥିବାରୁ ସ୍ତ୍ରୀ ଗୀତା ସହ ବଚସା ହେଉଥିବା ପୋଲିସ ସୂଚନା ଦେଇଛି ।

ରଥ ନିର୍ମାଣର ୬୬ ତମଦିବସ
ତିନିରଥରେ ଜଗତପୃଷ୍ଠ ସେଣୀ ପଡି କଣ୍ଟାବାଡ଼ିଆ ଶେଷ

- ତିନିରଥରେ ୧୩ ପରସ୍ତ ପୋଟଳ ସେଟିଙ୍ଗ ସମ୍ପୂର୍ଣ୍ଣ
- ରଥରେ ସ୍ଥାପନ ପାଇଁ ସରିଲା ଗୋଟିଏ ଗୋଟିଏ ବିଜେ ଚକା ନିର୍ମାଣ

ପୁରୀ : ଆଷାଢ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଶ୍ରୀଗୁଣ୍ଡିଚା ଯାତ୍ରା। ରନ୍‌ବେଦିରୁ ଜନ୍ମବେଦୀକୁ ବିଜେ କରିବେ ଚତୁର୍ଦ୍ଧାମୂର୍ତ୍ତି । ରଥାରୁଢ ହୋଇ ବଡଦାଣ୍ଡରେ ଘରଘର ନାଦ କରି ରଥ ଗଡିବ। ଏଥିପାଇଁ ବଡଦାଣ୍ଡ ସ୍ଥିତ ରାଜାନଅର ସମ୍ମୁଖ ରଥଖଳା ଚଳଚଞ୍ଚଳ ହୋଇଉଠିଛି। ରଥ ନିର୍ମାଣକାରୀ ସେବକ ମାନେ ତିନିରଥର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ କରୁଛନ୍ତି। ଗୁରୁବାର ରଥ ନିର୍ମାଣର ୬୬ ତମ ଦିବସରେ ରଥ ନିର୍ମାଣକାରୀ ସେବକମାନେ ରଥଖଳା ଠାରେ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଗୁରୁବାର ତିନିରଥରେ ୨୦ ଫୁଟିଆ ଜଗତପୃଷ୍ଠ ସେଣୀ ପଡି କଣ୍ଟା ବାଡ଼ିଆ ଶେଷ ହୋଇଛି। ବୁଧବାର ସୁଦ୍ଧା ତିନିରଥର ପ୍ରଭା ନିର୍ମାଣ ଶେଷ ହେବାସହ ତିନିରଥର ୨୪ ଗୋଟି ନାଟ ଗୋଡରୁ ବାକୁ ୧୨ ଗୋଟି ନାଟ ଗୋଡରେ କନ୍ଦର୍ପ ରୂପ ଖୋଦେଇ ଶେଷ ହୋଇଥିଲା । ଆଜି ତିନିରଥର ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ସହଯୋଗୀ ମହାରଣା ଏବଂ ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ଭୋଇ ସେବକ ମାନଙ୍କ ସହଯୋଗରେ ତିନିରଥରେ ଖପୁରୀ ସମେତ ପାରାଭାଡ଼ି କୁ ମିଶାଇ ୧୩ ପରାସ୍ତ ପୋଟଳ ସେଟିଙ୍ଗ ସମ୍ପୂର୍ଣ୍ଣ ହୋଇଅଛି। ମୁଖ୍ୟ ରୂପକାର ସେବକ ମାନେ ଅନୁକୂଳ ପୂଜା ପୂର୍ବକ ନଡ଼ିଆ ବାଡେଇ ତିନିରଥ ପ୍ରଭାରେ ରୂପ ଖୋଦେଇ ଚିତ୍ରାଙ୍କନ ପୂର୍ବକ ସହଯୋଗୀ ରୂପକାର ସେବକ ମାନେ ମିଶି ପ୍ରଭାରେ ରୁପ ଖୋଦେଇ ଆରମ୍ଭ କରିଛନ୍ତି। ତିନିରଥ ପ୍ରଭାରେ ରାହୁ ବା କୀର୍ତ୍ତି ମୁଖ,ଦୁଇ ହାତରେ ଦୁଇଟି ଛୁରୀ ଧରିଥିବା ଚିତ୍ର , ବାଙ୍କରେ ଡାଳି ଲତା ଏବଂ ତଳ ଭାଗରେ ମଗର ମୁଖ ଇତ୍ୟାଦିର ରୂପ ଖୋଦେଇ କାର୍ଯ୍ୟ ଜାରୀ ରହିଛି



। ଆଜି ତିନିରଥର ମହାରଣା ସେବକ ମାନେ ରଥରେ ସ୍ଥାପନ ପାଇଁ ଗୋଟିଏ ଗୋଟିଏ ବିଜେ ଚକା ନିର୍ମାଣ ଶେଷ କରିଛନ୍ତି। ପରମ୍ପରା ପ୍ରକାରେ ତିନି ରଥ ସିଂହଦ୍ୱାର ନିକଟରେ ଲାଗିବା ପରେ ରଥ ନିର୍ମାଣର ଶେଷ ପର୍ବ ଭାବେ ବେଦୀରେ ଚକା ସଂଯୋଗ କରି ତିନିରଥର ମୁଖ୍ୟ ମହାରଣା ସେବକ ମାନେ ହରିବୋଲ ଡାକ ଦେଇ ରଥ ନିର୍ମାଣ ସାଙ୍ଗ କରିବେ । ଆଜି ତିନିରଥର ବେଦୀ ସିଂହାସନ ପ୍ରସ୍ତୁତି ପାଇଁ ଚାରି ନାହାକା ଆଗ ପଛ ଡ଼ମକ ରେ ପାଞ୍ଚ ଗୋଟି ଲେଖାଏଁ ୨୦ ଫୁଟିଆ ଜଗତ ପୃଷ୍ଠ ସେଣି ପଡ଼ି କଣ୍ଟା ବାଡ଼ିଆ ଶେଷ ହୋଇଛି। ବେଦୀ ଚାରି ପାର୍ଶ୍ୱରେ ପଟା ବାଡିଆ ଶେଷ ହୋଇଥିବାରୁ, ବେଦୀ ପରିସରକୁ ବଢ଼ାଇବା ପାଇଁ ସେଣୀ ପତନ ରେ ବେଦୀ ଉଭୟ ପାର୍ଶ୍ୱରେ ତିନୋଟି ଲେଖାଏଁ ୬ ଟି ବାହୁଟ ଫାଳିଆ ପଡ଼ି ପଟା ପକାଯାଇ ବେଦୀ ପ୍ରସ୍ତୁତ କରାଯିବ । ଚିତ୍ରକାର ସେବକ ମାନେ ତିନିରଥର ଗୋଟିଏ ଗୋଟିଏ ସିଂହାସନ ମୁହାଁଟି ର ରଙ୍ଗ କାର୍ଯ୍ୟ ପାଇଁ ସେଥିରେ ପ୍ରାଇମର୍ ଦେବା ପରେ ରଙ୍ଗ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏଥିସହ ତିନିରଥର ଶେଷ ହୋଇଥିବା ବାକି ୧୨ ଗୋଟି ନାଟ ଗୋଡ଼ରେ ରଙ୍ଗ ପାଇଁ ପ୍ରାଇମର୍ ଦେବା କାର୍ଯ୍ୟ ଶେଷ କରିଛନ୍ତି, ଏଥିସହ ତିନିରଥର ପାର୍ଶ୍ୱ ଦେବ ଦେବୀ ପ୍ରତିମା ମୂର୍ତ୍ତି ଗୁଡିକରେ ରଙ୍ଗ କାର୍ଯ୍ୟ ସହ କଳସ, ଠେକେରା ବାଡ଼,କନ୍ୟା ପଟା ରେ ରଙ୍ଗ କାର୍ଯ୍ୟ ସହ ତିନିରଥ ଗୁଜ, ଚକ, ଦଣ୍ଡା ଇତ୍ୟାଦି ବାହ୍ୟ ଅଂଶ ଗୁଡିକରେ ରଙ୍ଗ କାର୍ଯ୍ୟ ଜାରୀ ରଖିଛନ୍ତି। ଦୋଳ ବେଦୀ ଅସ୍ଥାୟୀ କମାର ଶାଳ ରେ ଓଝା କମାର ସେବକ ମାନେ ଧୂଳି ଦଣ୍ଡା କଣ୍ଟା ନିର୍ମାଣ ଶେଷ କରି ତିନିରଥର ପ୍ରଭା କଣ୍ଟା, ସିଂହାସନ ଗୁଁଠୀ କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି।ପାହି ମହାରଣା ମାନେ ରଥ ଯାତ୍ରାରେ ସେବା ପୂଜା ନୀତି ପାଇଁ କାଠ ନିର୍ମିତ ସରଞ୍ଜାମ ନିର୍ମାଣ ଜାରୀ ରଖିଛନ୍ତି। ତିନିରଥ ର ମହାରଣା ସେବକ ୭୬ ଜଣ,ଭୋଇ ସେବକ ୭୫ଜଣ, କରତୀ ସେବକ ୪ଜଣ , ରୂପକାର ସେବକ ୨୧ଜଣ , ଓଝା କମାର ସେବକ ୨୦ଜଣ ,ତୁମ୍ବ ବିନ୍ଧ କାରୀଗର ୨ଜଣ ପାହି ମହାରଣା ୨ଜଣ, ଚିତ୍ରକାର ୪୦ ଜଣ,ରଥଖଳା ସହାୟକ ୧ଜଣ ମୋଟ ୨୪୧ ଜଣ ସେବକ ମହାପ୍ରଭୁଙ୍କ ତିନିରଥ ନିର୍ମାଣ କାର୍ଯ୍ୟରେ ନିମଗ୍ନ ରହିଛନ୍ତି।

ସମ୍ପାଦକୀୟ

ଫ୍ରାଙ୍କଷ୍ଟେନ୍ ଷ୍ଟେଟ୍

ଜାତିସଙ୍ଘରେ ପାକିସ୍ତାନକୁ ସିଧା ଟାର୍ଗେଟ୍ କରିଛି ଭାରତ । ଏମିତି ବି ଭାରତ ଏବଂ ପାକିସ୍ତାନ୍ ମଧ୍ୟରେ ସମ୍ପର୍କ ତ ବହୁତ ପୁରୁଣା , ଭାରତର ସ୍ୱାଧୀନତା ପୂର୍ବରୁ ମଧ୍ୟ ! ତେବେ ସ୍ୱାଧୀନତା ପରେ ଏବେ କିନ୍ତୁ ଉଭୟ ଦେଶ ମଧ୍ୟରେ ସମ୍ପର୍କରେ ତିକ୍ତତା ଆସିଯାଇଛି। ସ୍ୱାଧୀନତା ପରବର୍ତ୍ତୀ ଉଭୟ ହିନ୍ଦୁ ଏବଂ ମୁସଲାମାନ୍ ସମ୍ପ୍ରଦାୟ ମଧ୍ୟରେ ସମ୍ପର୍କ ଯାହା ବି ଥିଲା, ଆଜି କିନ୍ତୁ ଅତି ଖରାପ୍ ପରିସ୍ଥିତି ମଧ୍ୟକୁ ଆସିଯାଇଛି। ଉଭୟ ଦେଶ ମଧ୍ୟରେ ବିଭାଜନ ପରେ ଯେ ସମ୍ପର୍କ ସେମିତି ଖରାପ ଅବସ୍ଥାକୁ ଆସିଲା, ସେମିତି ବି କହିହେବ ନାହିଁ। ସମ୍ପର୍କ ବହୁ ପୂର୍ବରୁ ବି ଖରାପ୍ ଥିଲା। ଯାହା ପଛରେ ମୁଖ୍ୟ କାରଣ ଯାହାକୁ ଅତି ସରଳ ଏବଂ ଅତି ସ୍ପଷ୍ଟ ଭାବରେ ବୁଝାଯାଇପାରେ।... ଉଗ୍ରବାଦ ଅବା ସନ୍ତ୍ରାସବାଦ ଭଳି ଶବ୍ଦ ଯାହା କି ପୃଥିବୀ ଇତିହାସରେ ଅତି ଦୁଇଟି ଜଘନ୍ୟ ଶବ୍ଦ, ଅତି ମାରାତ୍ମକ ଶବ୍ଦ ଯାହାକୁ କେବେ ବି ଗ୍ରହଣ କରାଯାଇପାରେନା , ଯାହାକୁ କେବେ ବି ସ୍ୱୀକାର କରାଯାଇପାରେନା। ଏଭଳି ଶବ୍ଦ ଅଭିଧାନରେ ଥାଇପାରେ। ହେଲେ ଏଭଳି ଶବ୍ଦ ମାନବ ସମାଜ ପାଇଁ କେବେ ବି ଗ୍ରହଣୀୟ ହୋଇନପାରେ। ତଥାପି ସମାଜରେ ବାରମ୍ବାର ବ୍ୟବହାର ହେଉଛି ଏଭଳି ଶବ୍ଦ, କେବଳ କଥାରେ ନୁହେଁ, କାମରେ ମଧ୍ୟ ବ୍ୟବହାର ହେଉଛି ଯାହା କି କୌଣସି ବି ସମାଜ ପାଇଁ, ରାଷ୍ଟ୍ର ପାଇଁ ଅତ୍ୟନ୍ତ ଚିନ୍ତାଜନକ ଏବଂ ଅତ୍ୟନ୍ତ ଦୁଃଖଦାୟକ ଏବଂ ଅତି କ୍ଷତିକାରକ.. ଅତ୍ୟନ୍ତ ମାରାତ୍ମକ। ପୃଥିବୀରେ ଆଜି ବି ସେହିଭଳି ଅନେକ ଦେଶ ରହିଛନ୍ତି, ଯେଉଁମାନେ ଏସବୁରେ ବିଶ୍ୱାସ କରନ୍ତି। ସେମାନେ ଏବେ ବି ଜୀବିତ ଅର୍ଥାତ୍ ସେମାନେ ଏବେ ବି ସତ୍ତାରେ ଅଛନ୍ତି ଯେମିତି କି ଆମର ଅତି ପ୍ରିୟ ପାକିସ୍ତାନ୍ ! ଭାରତର ଅତିକ ପ୍ରିୟ ପାକିସ୍ତାନ୍ .. ! ଏଭଳି ଉକ୍ତିରେ ଯେ କେହି ବି ବିସ୍ମୟ ପ୍ରକାଶ କରିପାରେ । କାରଣ ପାକିସ୍ତାନ୍ କେବେ ବି ଭାରତର ପ୍ରିୟ ନଥିଲା.. ଅତି ପ୍ରିୟ ତ ଅତି ଦୂରକଥା। ଯାହା ପଛରେ ପାକିସ୍ତାନ୍‌ର ସେହି ନକାରାତ୍ମକ ଇତିହାସ ଯାହା କି ଅତି ଉଗ୍ରବାଦ ଏବଂ ଶକ୍ତ ସନ୍ତ୍ରାସବାଦ ସହିତ ବହୁ ପୂର୍ବରୁ ଜଡ଼ିତ , ଅତି ଆଗରୁ ସମ୍ପର୍କିତ; ସେହି ପାକିସ୍ତାନ୍ ଯେ କି ଭାରତର ଅତି ପଡ଼ୋଶୀ ମାନେ ଅତି ନିକଟତମ ପଡ଼ୋଶୀ କିନ୍ତୁ ତା'ର ବୃତ୍ତି ଏବଂ ପ୍ରବୃତ୍ତି ଯେ କେତେ ଖରାପ୍ .ତାହା ନିଜେ ବି ଜାଣିପାରୁନି। ବୋଧହୁଏ କେବଳ ସେଇ ଗୋଟାଏ ମୁଖ୍ୟ କାରଣକୁ ଆମେ ଦୋହରାଇପାରୁ... ଉଗ୍ରବାଦ ଏବଂ ସନ୍ତ୍ରାସବାଦ ଯାହକୁ ପାକିସ୍ତାନ୍ ତା'ର ସାଥୀ ଭାବେ ଗ୍ରହଣ କରିନେଇଛି। ସାଥୀ ତ ନୁହେଁ , ବଡିଗାର୍ଡ ବି କୁହାଯାଇପାରେ। ସେହି ବଡିଗାର୍ଡ ଯେ କି ପାକିସ୍ତାନକୁ ବିପଦ ସମୟରେ କେବେ କେବେ ସାହାଯ୍ୟ କରୁଛି ତ ଆଉ କେବେ ପୁଣି ବିପଦ ଘେରକୁ ଟାଣିନେଉଛି । ସେହି ପାକିସ୍ତାନ୍ ଯିଏ କି ଉଗ୍ରବାଦର ସାହାରା ନେଇ, ସନ୍ତ୍ରାସବାଦର ସାହାରା ନେଇ କେବଳ ଭାରତକୁ ଟାର୍ଗେଟ୍ କରୁଛି, ଭାରତ ତା'ର ଅତି ନିକଟତମ ପଡ଼ୋଶୀ .ବନ୍ଧୁ ଭଳି ଅଥଚ ସେହି ଭାରତ ସହିତ ସବୁବେଳେ ବିଶ୍ୱାସଘାତକତା କରି ଆସୁଛି। ସୀମାରେ ପାକିସ୍ତାନ୍‌ର ଉଗ୍ରବାଦ କାର୍ଯ୍ୟକଳାପ ଯାହା କି ଭାରତ ପାଇଁ ସର୍ବଦା ଚିନ୍ତାର କାରଣ ହୋଇଛି। ଯାହାପାଇଁ କାଶ୍ମୀର ସୀମାରେ ବର୍ଷର ବିଭିନ୍ନ ସମୟରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୁଏ। ଯାହାକୁ ନେଇ ପାକିସ୍ତାନ୍‌ର ହୋଲେ ନାହିଁ କି ଡୋଲେ। ଅଥଚ ଭାରତର ମୂଳଦୁଆ ଲାଗୁଛି କେବେ କେବେ ଦୋହଲିଯିବା ପରି। ଅଥଚ ସେହି ଉଗ୍ରବାଦ ଯେବେ ପାକିସ୍ତାନ୍ ପାଇଁ ଆଭ୍ୟନ୍ତରୀଣ ସମସ୍ୟା ସୃଷ୍ଟି କରୁଛନ୍ତି, ପାକିସ୍ତନର ସୀମା ଭିତରେ ବିନାଶର ତାଣ୍ଡବ ରଚନା କରୁଛନ୍ତି, ସେତେବେଳେ ତା'ର ହୋସ୍ ଉଡ଼ିଯାଉଛି। ଦୁନିଆ ଆଗରେ କହୁଛି କି ଆମେ ବି ଉଗ୍ରବାଦର ଶିକାର। ଯାହାକୁ କିଏ ବୁଝୁ ବା ନ ବୁଝୁ , ଭାରତ କିନ୍ତୁ ବୁଝିଛି ଠିକ୍ ଭାବରେ। ଆଜି ପି ଓ କେରେ ଯେଉଭଳି ଲୋକଙ୍କ ଅଧିକାରକୁ ହନନ କରାଯାଉଛି, ଯେଉଭଳି ଭାବେ ଲୋକଙ୍କ ସ୍ୱରକୁ ଚାପି ଦିଆଯାଉଛି, ଯାହାକି ମାନବୀୟତାର ସମ୍ପୂର୍ଣ୍ଣ ଉଲ୍ଲଂଘନ । କେବଳ ପାକିସ୍ତାନ ଏଥିପାଇଁ ଦାୟୀ। ସେଥିପାଇଁ ପାକିସ୍ତାନକୁ ସିଧା ନିଶାନା କରିଛି ଭାରତ। ଜାତିସଙ୍ଘରେ ଭାରତର ପ୍ରଥମ ମିଶନ୍‌ର ସଚିବ ଅନୁପମା ସିଂ ରାଇଟ୍ ଟୁ ରିପ୍ଲାଏରେ ପାକିସ୍ତାନକୁ ଏହିପରି ଭର୍ତ୍ସନା କରି ପାକିସ୍ତାନକୁ ଏକ ଫ୍ରାଙ୍କ୍‌ଷ୍ଟେନ୍ ଷ୍ଟେଟ୍ ବୋଲି ଅଭିହିତ କରିଛନ୍ତି। ଯାହାର ପ୍ରଶାସକ ଉଗ୍ରବାଦ କୁ ମଧ୍ୟ ତା'ର ପ୍ରଶାସନର ଗୋଟାଏ ପାର୍ଟ ବୋଲି ଭାବିନିଏ।

ରାଜାଙ୍କ ସୁବିଚାର

ଦେଶର ଦକ୍ଷିଣରେ ଜଣେ ଧାର୍ମିକ ରାଜା ରହୁଥାନ୍ତି। ତାଙ୍କ ଶାସନ କାଳରେ ରାଜ୍ୟରେ କେହି ବି ସେମିତି ଅସୁବିଧାରେ ରହୁନଥିଲେ। ଯାହାର ଯାହା ବି ଅସୁବିଧା ହେଉଥିଲା, ସେମାନେ ଅଚିରେ ତାଙ୍କ ସମସ୍ୟା ନେଇ ରାଜାଙ୍କ୍ ପାଖକୁ ଧାଇଁ ଆସୁଥିଲେ। ରାଜା ବି କାହାକୁ ସେମିତି ଖାଲିହାତରେ ଫେରାଉ ନଥିଲେ। ସମସ୍ତଙ୍କ ସମସ୍ୟା ସମାଧାନ ଦିଗରେ ରାଜା ବି ସେହିଭଳି କିଛି ତୁରନ୍ତ ପଦକ୍ଷେପ ନେଉଥିଲେ। କାହାକୁ ନିରାଶ କରୁ ନଥିଲେ କି କାହାପ୍ରତି ଅବିଚାର ମଧ୍ୟ କରୁନଥିଲେ। ଯିଏ ବି ଯେଉଁଭଳି ବିଚାରଧାରା ନେଇ ଆସୁଥିଲେ କିମ୍ବା ଯିଏ ଯାହା ବି ଅଭିଯୋଗ ନେଇ ଆସୁଥିଲେ, ରାଜା କେବେ ବି କାହା ସପକ୍ଷରେ ଯାଉନଥିଲେ କି କେବେ କାହା ବିପକ୍ଷରେ ମଧ୍ୟ ଯାଉନଥିଲେ। ସମସ୍ତଙ୍କୁ ଉପଯୁକ୍ତ ବିଚାର ପ୍ରଦାନ କରୁଥିଲେ। ସମସ୍ତଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ପାଇଁ ସର୍ବଦା ତାଙ୍କ ଉଦ୍ୟମ ଜାରି ରଖିଥିଲେ। ସବୁଦିନ ରାଜାଙ୍କ ପାଖକୁ କିଛି ନା କିଛି ସମସ୍ୟା ନେଇ ଅବା କିଛି ନା କିଛି ଅଭିଯୋଗ ନେଇ କେହି ନା କେହି ଆସନ୍ତି ଏବଂ ରାଜା ସେ ସବୁର ଉପଯୁକ୍ତ ସମାଧାନ ଦିଗରେ ତାଙ୍କର ଉପଯୁକ୍ତ ବିଚାର ପ୍ରଦାନ କରନ୍ତି। ଥରେ ଦୁଇ ଜଣ ହଠାତ ଆସି ରାଜଦରବାରରେ ପହଞ୍ଚଲେ ଏବଂ ରାଜାଙ୍କ୍ ଠାରୁ ତାଙ୍କର ସମସ୍ୟା ନେଇ ଉପଯୁକ୍ତ ସମାଧାନ ଆଶା କଲେ। ରାଜ ଦରବାରରେ ବିଚାରକାର୍ଯ୍ୟର ସମୟ ସେତେବେଳେ ସରି ଆସୁଥିବାରୁ ରାଜାଙ୍କ ସ୍ୱତନ୍ତ୍ର ପ୍ରତିନିଧି ସେମାନଙ୍କୁ ଫେରାଇଦେଇ ପରଦିନ ଆସିବାକୁ କହିବାରୁ ସେମାନେ କିନ୍ତୁ ରାଜଦରବାର ଛାଡ଼ି ଯିବାକୁ ସେମାନଙ୍କର ଅନିଚ୍ଛା ଜାହିର କଲେ। ରାଜ ଦରବାରକୁ ବହୁ ଦୂରରୁ ବହୁ ଆଶା ନେଇ ଆସିଥିବା ସେହି ଦୁଇଜଣ କିନ୍ତୁ ଜିଦ୍ କରିବାରୁ ଶେଷରେ ରାଜାଙ୍କ ସ୍ୱତନ୍ତ୍ର ମନ୍ତ୍ରୀ ରାଜାଙ୍କ ଅନୁମତି ନେଇ ସେମାନଙ୍କୁ ରାଜ ଦରବାରରେ ଅନ୍ତତଃ ସେହି ରାତିଟା ରହିବା ପାଇଁ ଅନୁମତି ପ୍ରଦାନ କଲେ। ସକାଳୁ ସେମାନଙ୍କର ସେମାନଙ୍କର ବିଚାର ହେବା ବେଳକୁ ସେମାନେ କିନ୍ତୁ ସେହି ରାଜ ଦରବାରରୁ ସେ ଦୁହେଁ କିନ୍ତୁ ଫେରାର୍ ହୋଇଯାଇଥିଲେ। ରାଜା ପୁନଃ ଏକାଧିକ ସୈନ୍ୟ ସାମନ୍ତ ପଠାଇ ସେମାନଙ୍କୁ ଦିନକ ମଧ୍ୟରେ ଖୋଜିଆଣି ଦରବାରରେ ହାଜର କରିବାପରେ ସେମାନେ ନିଜ ନିଜ ମଧ୍ୟରେ ସେମାନଙ୍କର ବିବାଦ ସମାଧାନ କରିଦେଇଥିବା କଥା ରାଜାଙ୍କ ଆଗରେ ସ୍ୱୀକାର କଲେ। ତେବେ ରାଜା କିନ୍ତୁ ସେମାନଙ୍କୁ ପୁନଃ ଦଣ୍ଡ ବିଧାନ ସ୍ୱରୂପ ଆଉ ଦୁଇଦିନ ପାଇଁ ରହିବା ପାଇଁ ଆଦେଶ ଦେଲେ।

ଆନ୍ତର୍ଜାତିକ ଯୋଗ ଦିବସର ଗୁରୁତ୍ୱ

ଭଗବାନ ଦାଶ

ଯୋଗ ହେଉଛି ଭାରତୀୟ ସଂସ୍କୃତିର ଏକ ଅମୂଲ୍ୟ ଉପହାର । "ଯୋଗ" ଶବ୍ଦଟି ସଂସ୍କୃତ ଧାତୁ "ଯୁଜ୍" ରୁ ଆସିଛି, ଯାହାର ଅର୍ଥ ହେଉଛି ଯୋଡ଼ିବା ବା ମିଳନ କରାଇବା। ଯୋଗ ଦ୍ୱାରା ଶରୀର, ମନ, ବୁଦ୍ଧି ଓ ଆତ୍ମାର ମଧ୍ୟରେ ସମନ୍ୱୟ ସୃଷ୍ଟି ହୁଏ। ଆଜିର ଦୌଡ଼ଧୂପ, ଚିନ୍ତା, ପ୍ରତିସ୍ପର୍ଦ୍ଧା ଓ ଅନିୟମିତ ଜୀବନଶୈଳୀରେ ଯୋଗ ମଣିଷ ପାଇଁ ଏକ ଆଶୀର୍ବାଦ ସଦୃଶ। ଯୋଗର ମହତ୍ତ୍ୱକୁ ସାରା ବିଶ୍ୱରେ ପ୍ରଚାର କରିବା ପାଇଁ ପ୍ରତିବର୍ଷ ଜୁନ୍ ୨୧ ତାରିଖକୁ ଆନ୍ତର୍ଜାତିକ ଯୋଗ ଦିବସ ଭାବେ ପାଳନ କରାଯାଏ।କରାଯାଉଛି ମଧ୍ୟ।

ଜୁନ୍ ୨୧ ବର୍ଷର ସବୁଠାରୁ ଦୀର୍ଘ ଦିନ ହୋଇଥିବାରୁ ଏହି ଦିନଟିର ଏକ ବିଶେଷ ମହତ୍ତ୍ୱ ରହିଛି। ଏହି ଦିନ ଆଲୋକ ଓ ଶକ୍ତିର ପ୍ରତୀକ। ଯୋଗ ମଧ୍ୟ ମଣିଷ ଜୀବନରେ ସ୍ୱାସ୍ଥ୍ୟ, ଶାନ୍ତି ଓ ସକାରାତ୍ମକତାର ଆଲୋକ ଆଣେ। ତେଣୁ ଏହି ଦିନକୁ ଯୋଗ ଦିବସ ଭାବେ ବାଛାଯାଇଛି। ଏହା କେବଳ ଏକ ଦିନର ଉତ୍ସବ ନୁହେଁ; ବରଂ ପ୍ରତିଦିନ ଯୋଗ ଅଭ୍ୟାସ କରିବା ପାଇଁ ଏକ ପ୍ରେରଣାଦାୟକ ସନ୍ଦେଶ।

ଯୋଗ ଦିବସ ପାଳନର ପ୍ରଥମ ଓ ପ୍ରଧାନ ଉଦ୍ଦେଶ୍ୟ ହେଉଛି ଲୋକମାନଙ୍କୁ ସୁସ୍ଥ ଜୀବନଶୈଳୀ ପ୍ରତି ସଚେତନ କରିବା। ବର୍ତ୍ତମାନ ଯୁଗରେ ଅନେକ ଲୋକ ଦୀର୍ଘ ସମୟ ଧରି ମୋବାଇଲ, କମ୍ପ୍ୟୁଟର ଓ ଟେଲିଭିଜନ ସାମ୍ନାରେ ବସି ରହୁଛନ୍ତି। ଫଳରେ ଶାରୀରିକ ପରିଶ୍ରମ କମିଯାଉଛି। ଅନିୟମିତ ଖାଦ୍ୟାଭ୍ୟାସ, ଫାଷ୍ଟଫୁଡ୍, ଅଧିକ ଚିନି ଓ ତେଲିଆ ଖାଦ୍ୟ ଗ୍ରହଣ କରିବାରୁ ମୋଟାପଣ, ମଧୁମେହ, ରକ୍ତଚାପ, ହୃଦ୍ ?ରୋଗ, ପିଠିବେଦନା ଓ ଅନ୍ୟାନ୍ୟ ରୋଗ ବଢୁଛି। ନିୟମିତ ଯୋଗାଭ୍ୟାସ ଶରୀରକୁ ସକ୍ରିୟ, ନମନୀୟ ଓ ସୁସ୍ଥ ରଖେ।

ଯୋଗରେ ଅନେକ ପ୍ରକାର ଆସନ ରହିଛି। ତାଡ଼ାସନ, ବୃକ୍ଷାସନ, ଭୁଜଙ୍ଗାସନ, ପବନମୁକ୍ତାସନ, ପଦ୍ମାସନ, ବଜ୍ରାସନ, ତ୍ରିକୋଣାସନ ଓ ସୂର୍ଯ୍ୟନମସ୍କାର ଭଳି ଆସନଗୁଡ଼ିକ ଶରୀରର ମାଂସପେଶୀକୁ ସୁଦୃଢ଼ କରେ। ଏହା ରକ୍ତସଞ୍ଚାଳନକୁ ଭଲ କରେ ଓ ଶରୀରର ଅଙ୍ଗପ୍ରତ୍ୟଙ୍ଗକୁ ସକ୍ରିୟ ରଖେ। ସୂର୍ଯ୍ୟନମସ୍କାର ହେଉଛି ଏକ ସମ୍ପୂର୍ଣ୍ଣ ବ୍ୟାୟାମ। ଏଥିରେ ଶରୀରର ପ୍ରାୟ ସମସ୍ତ ଅଂଶର ଚଳନ ହୁଏ। ପ୍ରତିଦିନ ସକାଳେ କିଛି ସମୟ ସୂର୍ଯ୍ୟନମସ୍କାର କଲେ ଶରୀର ଫୁର୍ତ୍ତିଲା ରହେ ଓ ଦିନଭର କାମ କରିବାର ଶକ୍ତି ମିଳେ।

ଯୋଗ କେବଳ ଶରୀର ପାଇଁ ନୁହେଁ, ମନ ପାଇଁ ମଧ୍ୟ ଅତ୍ୟନ୍ତ ଉପକାରୀ। ଆଜି ଅନେକ ଲୋକ ମାନସିକ ଚାପ, ଭୟ, ଦୁଃଖ, ଅଶାନ୍ତି ଓ ଚିନ୍ତାରେ ପୀଡ଼ିତ। ଛାତ୍ରଛାତ୍ରୀମାନେ ପରୀକ୍ଷାର ଚାପ, ଯୁବକମାନେ ଚାକିରିର ଚିନ୍ତା, କର୍ମଚାରୀମାନେ କାମର ଚାପ ଓ ବୟସ୍କମାନେ ରୋଗଭୟରେ ଚିନ୍ତିତ ରହନ୍ତି। ଧ୍ୟାନ, ପ୍ରାଣାୟାମ ଓ ଶ୍ୱାସ-ପ୍ରଶ୍ୱାସର ନିୟନ୍ତ୍ରଣ ମାଧ୍ୟମରେ ମନ ଶାନ୍ତ ହୁଏ। ଅନୁଲୋମ-ବିଲୋମ, କପାଳଭାତି, ଭ୍ରାମରୀ ଓ ଗଭୀର ଶ୍ୱାସ ଅଭ୍ୟାସ ମନର ଅସ୍ଥିରତା କମାଇଥାଏ। ଯୋଗ କଲେ ମଣିଷର ଚିନ୍ତାଧାରା ସକାରାତ୍ମକ ହୁଏ ଓ ଆତ୍ମବିଶ୍ୱାସ ବଢ଼େ।

ଯୋଗ ଦିବସର ଆଉ ଏକ ବଡ଼ ଗୁରୁତ୍ୱ ହେଉଛି ଶୃଙ୍ଖଳାବୋଧ ସୃଷ୍ଟି କରିବା। ଯୋଗ ନିୟମିତତା ଚାହେଁ। ସକାଳେ ଶୀଘ୍ର ଉଠିବା, ସ୍ୱଚ୍ଛ ପରିବେଶରେ ଅଭ୍ୟାସ କରିବା, ସମୟରେ ଖାଇବା ଓ ସଠିକ୍ ଭାବରେ ବିଶ୍ରାମ ନେବା—ଏସବୁ ଯୋଗମୟ ଜୀବନର ଅଂଶ। ଯେଉଁ ବ୍ୟକ୍ତି ନିୟମିତ ଯୋଗ କରନ୍ତି, ସେମାନେ ସାଧାରଣତଃ ନିଜ ଜୀବନକୁ ଅଧିକ ସୁସଂଗଠିତ ଭାବରେ ପରିଚାଳନା କରିପାରନ୍ତି। ଶୃଙ୍ଖଳା ହେଉଛି ସଫଳତାର ମୂଳମନ୍ତ୍ର, ଏବଂ ଯୋଗ ଏହି ଶୃଙ୍ଖଳାକୁ ମଜବୁତ କରେ।

ଛାତ୍ରଛାତ୍ରୀଙ୍କ ପାଇଁ ଯୋଗର ମହତ୍ତ୍ୱ ଅଧିକ। ପାଠପଢ଼ା ସମୟରେ ଏକାଗ୍ରତା ଅତ୍ୟନ୍ତ ଦରକାର। ମନ ଅଶାନ୍ତ ଥିଲେ କୌଣସି ବିଷୟ ଭଲ ଭାବରେ ବୁଝିହେବ ନାହିଁ। ପ୍ରତିଦିନ କିଛି ସମୟ ଧ୍ୟାନ ଓ ପ୍ରାଣାୟାମ କଲେ ମନ ଏକାଗ୍ର ହୁଏ, ସ୍ମୃତିଶକ୍ତି ବଢ଼େ ଓ ପାଠପଢ଼ାରେ ମନ ଲାଗେ। ଯୋଗ ଛାତ୍ରଛାତ୍ରୀଙ୍କୁ ଧୈର୍ଯ୍ୟଶୀଳ, ଆତ୍ମବିଶ୍ୱାସୀ ଓ ସଂଯମୀ କରେ। ଏହା ତାଙ୍କର ଚରିତ୍ର ଗଠନରେ ମଧ୍ୟ ସାହାଯ୍ୟ କରେ।

ମହିଳାମାନଙ୍କ ପାଇଁ ମଧ୍ୟ ଯୋଗ ଅତ୍ୟନ୍ତ ଉପକାରୀ। ଘର, କାର୍ଯ୍ୟାଳୟ ଓ ପରିବାରର ଦାୟିତ୍ୱ ମଧ୍ୟରେ ଅନେକ ମହିଳା ନିଜ ସ୍ୱାସ୍ଥ୍ୟକୁ ଅବହେଳା କରନ୍ତି। ଯୋଗ ସେମାନଙ୍କୁ ଶାରୀରିକ ସୁସ୍ଥତା, ମାନସିକ ସନ୍ତୁଳନ ଓ ଆତ୍ମଶକ୍ତି ପ୍ରଦାନ କରେ। ବୟସ୍କ ଲୋକମାନେ ମଧ୍ୟ ସହଜ ଆସନ ଓ ପ୍ରାଣାୟାମ କରି ଶରୀରକୁ ସକ୍ରିୟ ରଖିପାରନ୍ତି। ତେବେ ବୟସ, ଶାରୀରିକ ସ୍ଥିତି ଓ ରୋଗ ଅନୁସାରେ ପ୍ରଶିକ୍ଷିତ ଯୋଗଶିକ୍ଷକ କିମ୍ବା ଡାକ୍ତରଙ୍କ ପରାମର୍ଶ ନେଇ ଯୋଗ କରିବା ଉଚିତ।

ଯୋଗ ଦିବସ ଆମକୁ ଏହା ମଧ୍ୟ ଶିଖାଏ ଯେ ସ୍ୱାସ୍ଥ୍ୟ କେବଳ ରୋଗ ନଥିବାର ନାମ ନୁହେଁ। ସତ୍ୟ ସ୍ୱାସ୍ଥ୍ୟ ହେଉଛି ଶରୀର, ମନ ଓ ଚିନ୍ତାର ସନ୍ତୁଳନ। ଯେଉଁ ବ୍ୟକ୍ତି ଶାରୀରିକ ଭାବେ ସୁସ୍ଥ କିନ୍ତୁ ମନରେ ଅଶାନ୍ତ, ସେ ପୂର୍ଣ୍ଣ ସୁଖୀ ହୋଇପାରେ ନାହିଁ। ପୁଣି ଯେଉଁ ବ୍ୟକ୍ତି ମନରେ ଶାନ୍ତ କିନ୍ତୁ ଶରୀରର ଯତ୍ନ ନେଉନାହାନ୍ତି, ସେମାନଙ୍କର ଜୀବନ ମଧ୍ୟ ସନ୍ତୁଳିତ ରହେ ନାହିଁ। ଯୋଗ ଏହି ଦୁଇଟିକୁ ଏକତ୍ର କରି ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟର ପଥ ଦେଖାଏ।

ଯୋଗ ଦିବସ ଜାତି, ଧର୍ମ, ଭାଷା ଓ ଦେଶର ସୀମାକୁ ଅତିକ୍ରମ କରି ମାନବତାର ସନ୍ଦେଶ ଦେଇଥାଏ। ଯୋଗ କୌଣସି ଏକ ଧର୍ମ କିମ୍ବା ଗୋଷ୍ଠୀର ସମ୍ପତ୍ତି ନୁହେଁ। ଏହା ସମସ୍ତ ମଣିଷଙ୍କ ପାଇଁ ଉପଯୋଗୀ ଏକ ଜୀବନପଦ୍ଧତି। ସାରା ବିଶ୍ୱର ଲୋକମାନେ ଏକାସାଥି ଯୋଗ କରିବା ମାଧ୍ୟମରେ ଶାନ୍ତି, ଏକତା ଓ ଭାଇଚାରାର ସନ୍ଦେଶ ପ୍ରସାର କରନ୍ତି । ଏହା ଭାରତର ଗୌରବମୟ ଐତିହ୍ୟକୁ ବିଶ୍ୱମଞ୍ଚରେ ପରିଚିତ କରାଇଛି।

ପରିବେଶ ସୁରକ୍ଷା ସହିତ ମଧ୍ୟ ଯୋଗର ଗଭୀର ସମ୍ପର୍କ ରହିଛି। ଯୋଗ ମଣିଷକୁ ପ୍ରକୃତି ସହିତ ଯୋଡ଼େ। ପ୍ରଭାତର ଶୁଦ୍ଧ ବାୟୁ, ସୂର୍ଯ୍ୟର ଆଲୋକ, ଗଛଛାଇ ଓ ନିରବ ପରିବେଶରେ ଯୋଗ କଲେ ମଣିଷ ପ୍ରକୃତିର ମୂଲ୍ୟ ବୁଝିପାରେ। ପ୍ରକୃତିକୁ ସୁରକ୍ଷା କରିବା ଓ ସରଳ ଜୀବନ ଯାପନ କରିବାର ପ୍ରେରଣା ଯୋଗ ଦେଇଥାଏ।

ଏହା ନିଶ୍ଚିତ ଯେ ଯୋଗ ଦିବସ କେବଳ ଏକ ଆନୁଷ୍ଠାନିକ ପାଳନ ନୁହେଁ; ଏହା ସୁସ୍ଥ, ଶାନ୍ତିମୟ ଓ ଶୃଙ୍ଖଳିତ ଜୀବନ ଗଢ଼ିବାର ଏକ ଆନ୍ଦୋଳନ। ଯଦି ଆମେ ପ୍ରତିଦିନ ଅତି କମରେ କୋଡ଼ିଏରୁ ତିରିଶ ମିନିଟ୍ ଯୋଗ, ପ୍ରାଣାୟାମ ଓ ଧ୍ୟାନ ପାଇଁ ଦେଇପାରିବା, ତେବେ ଆମ ଶରୀର ସୁସ୍ଥ, ମନ ପ୍ରଫୁଲ୍ଲ ଓ ଜୀବନ ସୁନ୍ଦର ହେବ। ଯୋଗ ଦିବସର ପ୍ରକୃତ ସାର୍ଥକତା ସେତେବେଳେ ହେବ, ଯେତେବେଳେ ଯୋଗ କେବଳ ଜୁନ୍ ୨୧ରେ ସୀମିତ ନ ରହି ପ୍ରତିଦିନର ଜୀବନର ଅଭିନ୍ନ ଅଂଶ ହେବ।

"କର ଯୋଗ, ରୁହ ନିରୋଗ;
ଶରୀର-ମନେ ଆଣ ଶାନ୍ତିର ଯୋଗ।"

ଗୁଣ୍ଡିଚା ବିହାର, ପୁରୀ
ମୋ. ନଂ.୮୨୪୯୦୮୨୪୦୦

ହେତୁବାଦ ସଭ୍ୟତାର ବାହକ

ଅଧ୍ୟାପକ ଗୋପବନ୍ଧୁ

ଗୁମ୍ଫା ଓ ବୃକ୍ଷ କୋରଡରେ ବସବାସ କରୁଥିବା ମନୁଷ୍ୟ ଦୀର୍ଘ ପଥ ଅତିକ୍ରମ କରି ଆଜି ଆଧୁନିକ ସଭ୍ୟତାରେ ପହଞ୍ଚିଛି। ତାକୁ ଆଜି ସୁସଭ୍ୟ ବୋଲି କୁହାଯାଉଛି। ଏହି ସୋପାନରେ ପହଞ୍ଚିବା ପାଇଁ ତାକୁ ବହୁ ବୌଦ୍ଧିକ ସଂଘର୍ଷର ସମ୍ମୁଖୀନ ହେବାକୁ ପଡିଛି। ଏ ସଂଘର୍ଷ ଘଟିଛି ହେତୁବାଦୀ ଧାରଣା ଓ ଅନ୍ଧବିଶ୍ୱାସ ମଧ୍ୟରେ। ଆଦିମାନବ ସମ୍ପୂର୍ଣ୍ଣରୂପେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ଥିଲା। ତା ମନରେ କ୍ରମେ ଜିଜ୍ଞାସାଭାବ ଜାଗ୍ରତ ହୋଇଛି। ନିଜସ୍ୱ ବିଶ୍ୱାସ ଉପରେ ସନ୍ଦେହ ଜାତ ହୋଇଛି। ପ୍ରତ୍ୟେକ ଜାଗତିକ ଘଟଣା ଯାହାକୁ ସେ ଦିନେ କୌଣସି ଅଦୃଶ୍ୟ ଶକ୍ତିର ଇଚ୍ଛାବୋଲି ବିଶ୍ୱାସ କରୁଥିଲା, ତା ଉପରେ ପ୍ରଶ୍ନ କରିବା ଆରମ୍ଭ କଲା। ଘଟଣା ପଛର କାରଣକୁ ସେ ଖୋଜିବାକୁ ଲଗିଲା। କ୍ରମେ ତାର ବୌଦ୍ଧିକତାର ବିକାଶ ହେଲା। ଅଭିଜ୍ଞତା ତାକୁ କାରଣୀକତା ସମ୍ବନ୍ଧରେ ଅବଗତ କରାଇଲା। ସେ ଲକ୍ଷ କଲା ଗୋଟିଏ ଘଟଣା ଘଟିବା ପରେ ଅନ୍ୟ ଏକ ଘଟଣା ଘଟୁଛି। ପୂର୍ବ ଘଟଣା ଘଟିଲେ ପର ଘଟଣା ଘଟିବ ବୋଲି ତାର ଧାରଣା ଜାତ ହେଲା। ତେଣୁ ସେ ପ୍ରତ୍ୟେକ ଘଟଣା ପୂର୍ବର ଘଟଣା ସମ୍ବନ୍ଧରେ ଅବଗତ ହେବାକୁ ଚେଷ୍ଟା କଲା। ତାର ଏହି କରଣୀକତା ସମ୍ବନ୍ଧୀୟ ଅନୁଧ୍ୟାନରୁ ଓ ଏଥିରୁ ମିଳୁଥିବା ଜ୍ଞାନରୁ ଜନ୍ମନେଲା ବିଜ୍ଞାନ। କାରଣବାଦ ହିଁ ହେତୁବାଦ।

ହେତୁବାଦ ହେଉଛି ବିଜ୍ଞାନର କେନ୍ଦ୍ରୀୟ ତତ୍ତ୍ୱ। ଏହା ବିନା ବିଜ୍ଞାନ ଅକଳ୍ପନୀୟ।

କୁହାଯାଉଛି ଆଧୁନିକ ସଭ୍ୟତା ବିଜ୍ଞାନ ଉପରେ ପର୍ଯ୍ୟବେଶିତ। ଏହାର ଅର୍ଥ ହେତୁବାଦ ଏହା ପଛର ମୁଖ୍ୟ ଆଧାର। କାରଣ ବିଜ୍ଞାନ ଯେଉଁଠାରେ ଅଛି ହେତୁବାଦ ସେହିଠାରେ ଅଛି। ବିଜ୍ଞାନ କୌଣସି ଘଟଣାକୁ କାରଣ ରହିତ ବୋଲି ଗ୍ରହଣ କରେନାହିଁ। ଏହି ଅବଧାରଣା ଉପରେ ବିଜ୍ଞାନ ପର୍ଯ୍ୟବେଶିତ। କାରଣ ନଥାଇ କାର୍ଯ୍ୟ ସଂଗଠିତ ହେବାକୁ ଗ୍ରହଣ କରିନେଲେ ଏହା ଆଉ ବିଜ୍ଞାନ ହୋଇରହିବ ନାହିଁ। ରୋଗୀକୁ ଡାକ୍ତରଙ୍କ ପାଖକୁ ନେଲେ ପ୍ରଥମେ ସେ ଏହାର କାରଣ ଖୋଜୁଛି। ବିନା କାରଣରେ ରୋଗ ହୋଇଛି ବୋଲି ସେ ଗ୍ରହଣ କରୁନାହିଁ। କୌଣସିଠାରେ ବିମାନ ଦୁର୍ଘଟଣା ହେଲେ ବୈମାନିକମାନେ ଏହାର କାରଣ ଖୋଜୁଛନ୍ତି। ଏହା କୌଣସି ଅଦୃଶ୍ୟଶକ୍ତି ଯୋଗୁଁ ହୋଇଛି ବୋଲି ଗ୍ରହଣୀୟ ହେଉନାହିଁ। ପୋଲ ଧସିପଡିଲେ ଇଞ୍ଜିନିୟରମାନେ କାରଣ ଖୋଜୁଛନ୍ତି। କୌଣସି କ୍ଷେତ୍ରରେ ଏହା କାରଣରହିତ ବୋଲି ମନ ଗ୍ରହଣ କରୁନାହିଁ। ଏହାହିଁ ହେତୁବାଦ। ଅତୀତରେ ଲୋକେ ଅନ୍ଧବିଶ୍ୱାସକୁ ସତ୍ୟବୋଲି ଭାବି ନେଉଥିଲେ। କୌଣସି ପ୍ରକାର ପ୍ରଶ୍ନ କରୁନଥିଲେ। ଏବେ କିନ୍ତୁ ସେ ସମୟ ଆଉ ନାହିଁ।

କେବଳ ଭଲ ପିନ୍ଧିବା, ଭଲ ଖାଇବା, ଭଲ ଘରେ ରହିବା ସଭ୍ୟତା ନୁହେଁ। ଏହା ସହିତ ତୁମ ଭିତରେ କେତେ ବୈଜ୍ଞାନିକ ଚେତନାର ବିକାଶ ଘଟିଛି, ତୁମେ କେତେ ଅନ୍ଧବିଶ୍ୱାସକୁ ଛାଡ଼ି ହେତୁବାଦକୁ ସ୍ୱୀକାର କରିଛ ତାହା ମଧ୍ଯ ସଭ୍ୟତାର ମାନଦଣ୍ଡ ଅଟେ। ସଭ୍ୟତା ସେହି ମାନସିକ ସୃଜନା ଯାହା ମନୁଷ୍ୟକୁ ଶ୍ରେଷ୍ଠତା ପ୍ରଦାନ କରେ। ବିକଶିତ ମାନସିକତା ତାକୁ ଶ୍ରେଷ୍ଠତା ପାଇଁ ପ୍ରେରୀତ କରେ। ଜଣେ ସଭ୍ୟ ମନୁଷ୍ୟ ହେତୁବାଦୀ ହେବାକୁ ବାଧ୍ୟ। କାରଣ ବିଜ୍ଞାନ ଉପରେ ଆସ୍ଥା ବିନା ସେ ଏହି ମାନ୍ୟତା ପାଇ ପାରିବ ନାହିଁ। ଆରିଷ୍ଟୋଟଲଙ୍କ ମତରେ ମନୁଷ୍ୟ ହେଉଛି ବିଚାରବୁଦ୍ଧି ସମ୍ପନ୍ନ ପ୍ରାଣୀ।



ଏଥିରୁ ତର୍କଶୀଳତା, ନ୍ୟାୟଶୀତଳା, ସମତା ଓ ଭାତୃତ୍ୱଭାବ ଜନିତ ଅବଧାରଣା ଜାତ ହୁଏ। ଏହି ଗୁଣସମ୍ପନ୍ନ ବିନା ଜଣେ ସଭ୍ୟତାବାନ ହୋଇପାରିବ ନାହିଁ। ବିଚାରବୁଦ୍ଧି ସମ୍ପନ୍ନ ହେବା ହେତୁବାଦୀ ଧାରଣା ବିନା ସ୍ୱୟଂସମ୍ପୂର୍ଣ୍ଣ ହୋଇ ପାରିବ ନାହିଁ।

ହେତୁବାଦ କେବଳ ଏକ ବିଚାର ନୁହେଁ। ଏହା ବିକାଶର ବାହକ ମଧ୍ୟ। ବିକଶିତ ପାଶ୍ଚାତ୍ୟ ରାଷ୍ଟ୍ରଗୁଡିକର ପ୍ରଗତି ହେତୁବାଦୀ ଚେତନାର ବିକାଶ ଯୋଗୁଁ ସମ୍ଭବପର ହୋଇଛି। ସେମାନେ ବିଜ୍ଞାନକୁ ଗୁରୁତ୍ୱ ଦେଇଛନ୍ତି। ଦୈନ୍ୟନ୍ଦିନ ଜୀବନରେ ଏହାକୁ ପ୍ରୟୋଗ କରିଛନ୍ତି। ସେମାନେ ବିଜ୍ଞାନକୁ ପାଠ୍ୟକ୍ରମ କିମ୍ବା ପୁସ୍ତକ ମଧ୍ୟରେ ସୀମିତ ରଖିନାହାଁନ୍ତି। ବିଜ୍ଞାନରୁ ମିଳୁଥିବା ହେତୁବାଦୀ ଚେତନା ତାଙ୍କୁ ତାଙ୍କର ବ୍ୟକ୍ତିତ୍ୱର ବିକାଶ ଦିଗରେ ସହାୟକ ହୋଇଛି। ହେତୁବାଦୀ ସାମାଜିକ ଦୃଷ୍ଟିଭାଙ୍ଗି ଅନେକଗୁଡ଼ିଏ ଅନାବଶ୍ୟକ କାର୍ଯ୍ୟକ୍ରମରୁ ନିବୃତ ରଖିଛି। ଦୈନନ୍ଦିନ ଜୀବନରେ ତଥାକଥିତ ଧର୍ମର ଆବଶ୍ୟକତାକୁ ସୀମିତ କରିଛି। ତେଣୁ ସମସ୍ତ ସମୟ, ଶ୍ରମ ଓ ଅର୍ଥକୁ ପ୍ରଗତିପାଇଁ ବିନିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଯେଉଁ ରାଷ୍ଟ୍ରମାନଙ୍କରେ ଶିକ୍ଷାର ବିକାଶ ଠିକ୍ ଭାବରେ ହୋଇନାହିଁ ଓ ବୈଜ୍ଞାନିକ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଇ ନାହିଁ ସେହି ରାଷ୍ଟ୍ରମାନଙ୍କରେ ଅନ୍ଧବିଶ୍ୱାସର ପ୍ରଭାବ ଅଧିକ ଓ ଏହି ରାଷ୍ଟ୍ରମାନେ ବିକାଶର ଦୌଡରେ ବହୁ ପଛରେ ପଡିଯାଇଛନ୍ତି। ଯେଉଁଠାରେ ଅନ୍ଧବିଶ୍ୱାସ ଅଛି ସେଠାରେ ନାନା କର୍ମକାଣ୍ଡ ଅଛି। ଏ ଦିଗରେ ଅନାବଶ୍ୟକଭାବେ ସମୟ, ଅର୍ଥ ଓ ଶ୍ରମର ବିନିଯୋଗ ମଧ୍ୟ ଅଛି। ଅନ୍ଧବିଶ୍ୱାସର ମୁଖ୍ୟ ପୃଷ୍ଠପୋଷକ ହେଉଛି ଧାର୍ମିକ ମୌଳବାଦ। ଏମାନେ ସଦାସର୍ବଦା ଧର୍ମଭିତ୍ତିକ ହିଂସା ସୃଷ୍ଟି ଓ ମାତ୍ରାଧିକଭାବେ ଧାର୍ମିକ ରୀତିନୀତି ସମ୍ପାଦନରେ ନିଜର ଶ୍ରେଷ୍ଠ ଉଦ୍ୟମକୁ ବିନିଯୋଗ କରନ୍ତି। ଫଳରେ ନିଜର ବ୍ୟକ୍ତିତ୍ୱର ବିକାଶ ଓ ଆର୍ଥିକ ବିକାଶ ଦିଗଟି ପ୍ରତି ପୂର୍ଣ୍ଣ ଧ୍ୟାନ ଦେଇପାରନ୍ତି ନାହିଁ। ଏମାନଙ୍କ ସାମଗ୍ରୀକ ସାମାଜିକ ଚେତନା ମଧ୍ୟ ଅନ୍ଧବିଶ୍ୱାସ ଉପରେ ପ୍ରତିଷ୍ଠିତ ହୋଇଥାଏ।

ସଭ୍ୟତା ବୌଦ୍ଧିକତା ଉପରେ ପ୍ରତିଷ୍ଠିତ ଏକ ପ୍ରକାର ଉନ୍ନତ ସମାଜ ବ୍ୟବସ୍ଥାକୁ ବୁଝାଏ। ହେତୁବାଦୀ ଚେତନାର ବିକାଶ ବିନା ଏହା ସମ୍ଭବ ନୁହେଁ। ଗୋଟିଏ ହେତୁବାଦୀ ସମାଜର ପ୍ରତିଷ୍ଠା ଦୀର୍ଘ ଶତାବ୍ଦୀର ବୌଦ୍ଧିକ ସଂଘର୍ଷର ପରିଣାମ ସୂତ୍ରରେ ମିଳେ। ପାଶ୍ଚାତ୍ୟ ବିକଶିତ ରାଷ୍ଟ୍ରମାନଙ୍କରେ ହେତୁବାଦର ଭିତ୍ତିଭୂମି ଆପେ ତିଆରି ହୋଇନାହିଁ। ଏଥିପାଇଁ ତାଙ୍କୁ ଦୀର୍ଘ ସଂଘର୍ଷ କରିବାକୁ ପଡିଛି। ବିଶେଷକରି ଇଉରୋପରେ ଏ ସଂଘର୍ଷ ରେନାସା ନାମରେ ସୁପ୍ରସିଦ୍ଧ। ଏହା ଏକ ବୌଦ୍ଧିକ ସଂଘର୍ଷ ଥିଲା। ହେତୁବାଦ ଓ ପରମ୍ପରାବାଦ ମଧ୍ୟରେ ସଂଘର୍ଷ, ବିଜ୍ଞାନ ଓ ଅନ୍ଧବିଶ୍ୱାସ ମଧ୍ୟରେ ସଂଘର୍ଷ, ମାନବବାଦ ଓ ଧାର୍ମିକ ମୌଳବାଦ ମଧ୍ୟରେ ସଂଘର୍ଷ, ସଂସ୍କାର ଓ କୁସଂସ୍କାର ମଧ୍ୟରେ ସଂଘର୍ଷ ତଥା ନୀରବତା ଓ ପ୍ରତିକ୍ରିୟାଶୀଳତା ମଧ୍ୟରେ ଏ ସଂଘର୍ଷ ଥିଲା। ଏ ସଂଘର୍ଷ ଥିଲା ଶାନ୍ତିପୂର୍ଣ୍ଣ ବିଚାରମନ୍ଥନ। ଏହା ରକ୍ତାକ୍ତ ସଂଘର୍ଷ ନଥିଲା। ଗୋଡାଗୋଡି, ମାଡ଼ଗୋଳ, ପଥର ଫିଙ୍ଗାଫିଙ୍ଗି, ହଣାକଟାର ସଂଘର୍ଷ ଏହା ନଥିଲା। ସଂଘର୍ଷ ଭିତରେବି ସହନଶୀଳତା ଥିଲା।

ସଭ୍ୟତା ଏକ ପ୍ରବାହମାନ ପ୍ରକ୍ରୀୟା। ଏହା ଶ୍ରେଷ୍ଠରୁ ଶ୍ରେଷ୍ଠତମକୁ ଖୋଜେ। ଯାହା ଅନ୍ଧବିଶ୍ୱାସ, ଯାହା ଅହେତୁକ, ଯାହା କୁସଂସ୍କାର ତାକୁ ମନୁଷ୍ୟର ବୁଦ୍ଧିମତ୍ତା କିପରି ଶ୍ରେଷ୍ଠ ବୋଲି ମାନିନେବ। ମନୁଷ୍ୟର ବୌଦ୍ଧିକତାର ବିକାଶ ଯେତେ ହେବ ଏଗୁଡ଼ିକ ଉପରୁ ଆସ୍ଥା ସେତେ କମି କମି ଯିବ। ପରିବର୍ତ୍ତନ ଅବସମ୍ଭାବୀ। ରେନାସା ଆସିବହିଁ ଆସିବ। ତେବେ ସମାଜରେ ହେତୁବାଦୀ ଧାରଣା ଯେତେ ପ୍ରଖରହେବ ପରିବର୍ତ୍ତନର କ୍ଷୀପ୍ରତା ସେତେ ଅଧିକ ହେବ। ଏ ପରିବର୍ତ୍ତନ ଆନ୍ଦୋଳନର ନେତୃତ୍ୱ ନେବ ବିଜ୍ଞାନ।

(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୂରଭଞ୍ଜ, ମୋ.
୭୦୦୮୯୭୬୧୮୦

ପ୍ରତିଶବ୍ଦ TV

ଭୁବନେଶ୍ୱର, ୨୬ ଜୁନ୍ ୨୦୨୬

ରାଜ୍ୟସ୍ତରୀୟ ଶିଶୁଶ୍ରମିକ ନିରାକରଣ ଅଭିଯାନ

କେନ୍ଦ୍ରାପଡ଼ା,୨୫।୬ : କେନ୍ଦ୍ରାପଡ଼ା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଭା ଗୃହ ରେ ଏକ ରାଜ୍ୟ ସ୍ତରୀୟ ଶିଶୁ ଶ୍ରମିକ ନିରାକରଣ ଅଭିଯାନ ତରଫରୁ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳା ରେ କେନ୍ଦ୍ରାପଡ଼ା ର ଆଦରଣୀୟ ଜିଲ୍ଲାପାଳ ମୁଖ୍ୟ ଅତିଥି ହୋଇ ଅଭିଯାନ ର

ଉଦେଶ୍ୟ ଏବଂ ଏହାର କାର୍ଯ୍ୟ ଶୈଳୀ କୁ ଶୃଙ୍ଖଳିତ , ନିୟମିତ ଓ ସର୍ବ ଆଧୃଢ କିପରି ହୋଇ ପାରିବ ସେ ବିଷୟରେ ବିସ୍ତୃତ ଭାବରେ ବୁଝାଇଥିଲେ। ଉକ୍ତ ଶିଶୁ ଶ୍ରମିକ ନିରାକରଣ ଅଭିଯାନ ଆୟୋଗ ତରଫରୁ ଭୁବନେଶ୍ୱର ର ସମ୍ମାନିୟା ସଦସ୍ୟା ଶ୍ରୀମତୀ ସୁଜାତା ନାୟକ ଏବଂ ମନସ୍ମିତା ଖୁଣ୍ଟିଆ ଶିଶୁ ଦେଶ ର ଭବିଷ୍ୟତ ଆଗାମୀ ଦିନର ତାରକା, ଶିଶୁ ର ଉନ୍ନତ ଶିକ୍ଷା ଉନ୍ନତ ସ୍ୱାସ୍ଥ୍ୟ ଗଠନର ମୂଳରେ ପରିବାର ସଦସ୍ୟ ମାନଙ୍କ ର ଉପଯୁକ୍ତ ଦାୟିତ୍ୱ ରହିବା ନିତ୍ୟାନ୍ତ ଆବଶ୍ୟକ ବୋଲି ମତ ରଖିଥିଲେ । ସମାଜର ଶିଶୁ ଶ୍ରମିକ ଭଳି ଏକ ଘୃଣ୍ୟ ଅପରାଧିକ କାର୍ଯ୍ୟଶୈଳୀ ଆଇନି ର ଆଢୁଆଳରେ ଆମର ପାରି ପାର୍ଶ୍ୱିକ ଅବସ୍ଥିତି ରେ ଗଢି ଉଠୁଥିବାରୁ ଏହା ସମାଜ ଓ ଦେଶ ପାଇଁ ଅହିତକର ସାବ୍ୟସ୍ତ ହେଉଛି। ଏ ଦିଗରେ ସମାଜ ର କିଛି ଲୋକ ବା କିଛି ଅଂଶ ବିଶେଷ ଙ୍କ ମନୋବଳ ର ଅଭାବ ରୁ ଏଇ ଘୃଣ୍ୟ ଅପରାଧ ଦିନକୁ ଦିନ ବଢି ଚାଲି ଥିବାର ପରିଲକ୍ଷିତ ହେଉଛି। ଏହାର ନିରାକରଣ ପାଇଁ ଜିଲ୍ଲା ର ଶ୍ରମ ଅଧିକାରୀ DSWO, DSP(AIHTU) Police, ମୁଖ୍ୟ କାର୍ଯ୍ୟାଳୟ କେନ୍ଦ୍ରାପଡ଼ା ମାଧ୍ୟମରେ, DWO,DCPO, DLO ppt ମାଧ୍ୟମରେ ଶିଶୁ ଶ୍ରମିକ ଚିହ୍ନଟ ଓ ଏହାର ନିରାକରଣ ବିଷୟ ରେ ଆଲୋକ ପାତ କରିଥିଲେ ।

ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ

ସ୍ୱାସ୍ଥ୍ୟ ସେବାର ଗୁଣବତ୍ତା ଓ ପହଞ୍ଚ ବୃଦ୍ଧି ପାଇଁ ଯୋଜନାବଦ୍ଧ ପଦକ୍ଷେପ

ଛତ୍ରପୁର,୨୫।୬ : ଗଞ୍ଜାମ ଜିଲ୍ଲାର ସ୍ୱାସ୍ଥ୍ୟ ସେବା ସମ୍ପର୍କିତ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଆଜି ସ୍ଥାନୀୟ ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସ୍ୱାସ୍ଥ୍ୟ ସେବାର ଗୁଣବତ୍ତା ବୃଦ୍ଧି, ଗ୍ରାମୀଣ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକର କାର୍ଯ୍ୟଦକ୍ଷତା ବୃଦ୍ଧି, ଟିକାକରଣ ଅଭିଯାନ, ଗର୍ଭବତୀ ମହିଳା ଏବଂ ମାତୃ-ଶିଶୁ ସୁରକ୍ଷା ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ଉପରେ ବିସ୍ତୃତ ସମୀକ୍ଷା କରାଯାଇଥିଲା।

ଜିଲ୍ଲାପାଳ କହିଥିଲେ ଯେ, ଜନବହୁଳ ଗଞ୍ଜାମ ଜିଲ୍ଲାରେ ସମସ୍ତଙ୍କ ପାଖରେ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ପାଇଁ ଯୋଜନାବଦ୍ଧ ପଦକ୍ଷେପ ନିଆଯାଉଛି। ଉପଲବ୍ଧ ସ୍ୱାସ୍ଥ୍ୟ ଅଧିକାରୀ ଓ କର୍ମଚାରୀଙ୍କୁ ନେଇ କ୍ଷେତ୍ରସ୍ତରରେ ଆଶାନୁରୂପ ସେବା ପ୍ରଦାନ କରିବା ଦିଗରେ ସମସ୍ତଙ୍କ ଆନ୍ତରିକ ଓ ସମନ୍ୱିତ ପ୍ରୟାସ ଆବଶ୍ୟକ । ସ୍ୱାସ୍ଥ୍ୟ ସେବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜନସେବା ହୋଇଥିବାରୁ ଏଥିରେ କୌଣସି ପ୍ରକାରର ଅବହେଳାକୁ ସହ୍ୟ କରାଯିବ ନାହିଁ। ଏପରି ଘଟଣା ଦେଖାଦେଲେ 'ଶୂନ୍ୟ ସହନଶୀଳତା' ନୀତି ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି । ଟିକାକରଣ କାର୍ଯ୍ୟକ୍ରମରେ ମା', ଶିଶୁ ଓ

ବରିଷ୍ଠ ନାଗରିକମାନଙ୍କ ଅନୁପସ୍ଥିତି ହ୍ରାସ କରିବା ପାଇଁ ଗ୍ରାମାଞ୍ଚଳରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବାକୁ ସେ ପରାମର୍ଶ ଦେଇଥିଲେ। ସେହିପରି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଉପ-ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ଆବଶ୍ୟକ ଔଷଧ ଏବଂ ଚିକିତ୍ସା ଉପକରଣର ଉପଲବ୍ଧତା ସୁନିଶ୍ଚିତ କରିବା ସହିତ ଜିଲ୍ଲାସ୍ତରରେ ନିରୀକ୍ଷଣ ଦଳ ଗଠନ ଏବଂ ସ୍ୱାସ୍ଥ୍ୟକର୍ମୀମାନଙ୍କ ନିୟମିତ ପ୍ରଶିକ୍ଷଣ ଆୟୋଜନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି ।

ବୈଠକରେ ମାତୃ-ଶିଶୁ ସୁରକ୍ଷା ପାଇଁ ଗର୍ଭାବସ୍ଥାରେ ଯତ୍ନ, ପୋଷଣ ଏବଂ ଚିକିତ୍ସା ପରାମର୍ଶ ସେବାକୁ ଅଧିକ ସୁଦୃଢ଼ କରିବା, ଡେଙ୍ଗୁ ଓ ମ୍ୟାଲେରିଆ ଭଳି ରୋଗର ପ୍ରତିରୋଧ ଏବଂ ପୂର୍ବ ସଚେତନତା କାର୍ଯ୍ୟକ୍ରମକୁ ତୀବ୍ରତର କରିବା, ଆଶାକର୍ମୀଙ୍କ କାର୍ଯ୍ୟର ନିୟମିତ ତଦାରଖ, ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ପରିଚାଳନା ସୂଚନା ପ୍ରଣାଳୀ ଏବଂ ଗର୍ଭଧାରଣ ଓ ଶିଶୁ ଟ୍ରାକିଂ ବ୍ୟବସ୍ଥା ୨.୦ରେ ପଞ୍ଜୀକରଣ, ଉପଖଣ୍ଡ ଚିକିତ୍ସାଳୟ ଓ ସାମୁଦାୟିକ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକର କାର୍ଯ୍ୟଦକ୍ଷତା, ଆୟୁଷ୍ମାନ ଭାରତ–ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା କାର୍ଡ ବିତରଣ, କୁଷ୍ଠ ରୋଗର ସମ୍ପୂର୍ଣ୍ଣ ନିରାକରଣ, ଗର୍ଭବତୀ ମହିଳାଙ୍କ ପଞ୍ଜୀକରଣ ଏବଂ ଜନନୀ ଏକ୍ସପ୍ରେସ ଓ ଆମ୍ବୁଲାନ୍ସ ସେବାର ଉପଯୁକ୍ତ ବ୍ୟବହାର ଭଳି ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା।

ଏହି ସମୀକ୍ଷା ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଉପଖଣ୍ଡ ମୁଖ୍ୟ ଚିକିତ୍ସା ଅଧିକାରୀ, ଜନସ୍ୱାସ୍ଥ୍ୟ ଅଧିକାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଅଙ୍ଗନବାଡ଼ି କର୍ମୀ ଏବଂ ବିଭିନ୍ନ ବେସରକାରୀ ସଂସ୍ଥାର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

ବୈଠକରେ ବ୍ଲକସ୍ତରରେ କାର୍ଯ୍ୟରତ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ ସାପ୍ତାହିକ କିମ୍ବା ପାକ୍ଷିକ ଭିତ୍ତିରେ ଅନୁଧ୍ୟାନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ସହିତ ଜନସଚେତନତା କାର୍ଯ୍ୟକ୍ରମଗୁଡ଼ିକରେ କ୍ଷେତ୍ରସ୍ତରର ସ୍ୱାସ୍ଥ୍ୟକର୍ମୀଙ୍କ ସହ ଜନପ୍ରତିନିଧି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ ସାମିଲ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଥିଲା। ସ୍ୱାସ୍ଥ୍ୟ ସେବାକୁ ଅଧିକ ପ୍ରଭାବଶାଳୀ, ଗୁଣାତ୍ମକ ଓ ଜନମୁଖୀ କରିବା ଦିଗରେ ଏହି ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଓ ପରାମର୍ଶ ଉପସ୍ଥାପିତ ହୋଇଥିଲା।

ପେଟ୍ରୋଲିଂ ସମୟରେ ଏକ କାରାକୁ ସନ୍ଦେହ

ଗାଡିରୁ ଡକାୟତି ଯୋଜନା ବେଳେ ପୋଲିସର ଚଢଉ

ବସ୍ତା,୨୫।୬ : ସିଂଲା ଥାନା ଅନ୍ତର୍ଗତ ବସ୍ତା- ବାଲିଆପାଳ ମୁଖ୍ୟ ରାସ୍ତାର ପୁଟୁରା ଛକରେ ଚଢଉ କରି ଜବଦ କରିଛି ପୋଲିସ, ବିଳମ୍ବିତ ରାତିରେ ଏକ କାରରେ ୫ ଜଣ ଯାଉଥିବା ବେଳେ ସିଂଲା ପୋଲିସ ସେମାନଙ୍କ ପିଛା କରି ଅଚାନକ ଚଢଉ କରିଥିଲା। ଘଟଣା ସ୍ଥଳରୁ ୨ ଜଣ ଚମ୍ପଟ ମାରିଥିବା ବେଳେ ଦୁଇ ନାବାଳକ ସମେତ ୩ ଜଣଙ୍କୁ ଗିରଫ କରିଛି ପୋଲିସ,ପେଟ୍ରୋଲିଂ ସମୟରେ ଏକ କାରାକୁ ସନ୍ଦେହ କରି ସିଂଲ ପୋଲିସ ଅଟକାଇ ଥିଲେ। ଅଟକାଇବା ପରେ ଗାଡିରୁ ଡକାୟତି ଯୋଜନା ବେଳେ ପୋଲିସର ଚଢଉ, ଦୁଇଟି ବନ୍ଧୁକ ସମେତ ୧୦ ଟି ଅଫୁଟା ଗୁଳି, ଗୋଟିଏ କାର ଜବଦ, ୩ ଡକାୟତ ଗିରଫ, କଟୁରୀ, ଶାବଳ, ଛୁରୀ ସମେତ ବିଭିନ୍ନ ମାରଣାସ୍ତ୍ର ଜବଦ, କାର ଭିତରୁ ଦୁଇଟି ଗୁଳି ଭର୍ତ୍ତି ବନ୍ଧୁକ ସମେତ ବିଭିନ୍ନ ମାରଣାସ୍ତ୍ର ଜବଦ ହୋଇଥିବା ବେଳେ ଗିରଫ ସମସ୍ତଙ୍କ ଘର ପଶ୍ଚିମବଙ୍ଗ ଅଞ୍ଚଳ ର ବୋଲି ସିଂଲା ଥାନା ପରିସର ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ରେ ସୂଚନା ଦେଇଛନ୍ତି ବସ୍ତା ଏସଡିପିଓ ସମର୍ଥ ବେହେରା, ତେବେ ଏମାନଙ୍କ ନାମ ରେ ପୂର୍ବରୁ କୌଣସି ଥାନା ରେ ମାମଲା ଅଛି କି ନାହିଁ କମ୍ବା ଅନ୍ୟ କୌଣସି ଡକାୟତିରେ ସମ୍ପୃକ୍ତ ଅଛନ୍ତି କି ନାହିଁ ସେ ନେଇ ତଦନ୍ତ କରୁଛି ପୋଲିଶ।

କୋଡ଼ିଙ୍ଗାମାଳି ଖଣି କ୍ଷମତା ବୃଦ୍ଧି ପ୍ରସ୍ତାବ

ଉନ୍ନୟନ ସହ ପରିବେଶ ସୁରକ୍ଷା ଦାବି

କୋରାପୁଟ,୨୫।୬ : କୋଡ଼ିଙ୍ଗାମାଳି ବକ୍ସାଇଟ ଖଣିର ବାର୍ଷିକ ଉତ୍ତୋଳନ କ୍ଷମତାକୁ ୩.୬ ମିଲିୟନ ଟନରୁ ୬ ମିଲିୟନ ଟନକୁ ବୃଦ୍ଧି କରିବା ପ୍ରସ୍ତାବକୁ ନେଇ ଲକ୍ଷ୍ମୀପୁର ବ୍ଲକର ଚମ୍ପି ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଜନଶୁଣାଣୀ ଶାନ୍ତି ଓ ଶୃଙ୍ଖଳାର ସହ ଶେଷ ହୋଇଛି। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନରେଶ ଚନ୍ଦ୍ର ଶବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନଶୁଣାଣୀରେ ପ୍ରଭାବିତ ୨୨ଟି ଅଞ୍ଚଳର ବହୁ ସଂଖ୍ୟକ ଲୋକ ଯୋଗଦେଇ ନିଜ ମତାମତ ଓ ଅଭିଯୋଗ ଉପସ୍ଥାପନ କରିଥିଲେ। ଉତ୍ତୋଳନ କ୍ଷମତା ବୃଦ୍ଧି ପ୍ରସ୍ତାବକୁ ଅଧିକାଂଶ ଲୋକ ସମର୍ଥନ କରିଥିବା ବେଳେ ପ୍ରଭାବିତ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ବିଦ୍ୟୁତ ସେବାର ବିକାଶ ଉପରେ ବିଶେଷ ଦାବି ଉଠିଥିଲା। ଲକ୍ଷ୍ମୀପୁରରେ ଏକ ଆଦର୍ଶ ବିଦ୍ୟାଳୟ ସ୍ଥାପନ, ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଏବଂ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସୁବିଧା ବୃଦ୍ଧି ପାଇଁ ମଧ୍ୟ ଦାବି କରାଯାଇଥିଲା। ଜନଶୁଣାଣୀରେ କେତେକ ବକ୍ତା ଉତ୍ତୋଳନ କ୍ଷମତା ବୃଦ୍ଧି ଫଳରେ ପରିବେଶ ଉପରେ ପଡ଼ିପାରୁଥିବା ପ୍ରଭାବ ନେଇ ଚିନ୍ତା ପ୍ରକାଶ କରିଥିଲେ। ପରିବେଶ ସନ୍ତୁଳନ ରକ୍ଷା, ବନୀକରଣ ଓ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ସ୍ପଷ୍ଟ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବାକୁ ଦାବି ଉଠିଥିଲା। ଅତିରିକ୍ତ ଜିଲ୍ଲାପାଳ ନରେଶ ଚନ୍ଦ୍ର ଶବରଙ୍କ ସୂଚନା ଅନୁଯାୟୀ, ମୋଟ ୪୧ଟି ଅଭିଯୋଗ ଓ ମତାମତ ରେକର୍ଡ କରାଯାଇଥିବା ବେଳେ ସେଥିରୁ ୧୭ଟି ବିରୋଧୀ ମତ ଥିଲା।

ଜୁଲାଇ ୩ରେ ବରିଷ୍ଠ କଳାକାର ସଂଘର ବର୍ଣ୍ଣାଢ୍ୟ କଳାକାର ଶୋଭାଯାତ୍ରା

ବ୍ରହ୍ମପୁର,୨୫।୬ : କଳା ଓ କଳାକାର ହିତୈଷୀ ମହାମଞ୍ଚ 'ଗଞ୍ଜାମ ଜିଲ୍ଲା ବରିଷ୍ଠ କଳାକାର ସଂଘ' ତରଫରୁ ସଂଘର ସପ୍ତମ ବାର୍ଷିକୋତ୍ସବ ପାଳନ ଅବସରରେ ଏକ ରାଜ୍ୟସ୍ତରୀୟ ବର୍ଣ୍ଣାଢ୍ୟ କଳାକାର ଶୋଭାଯାତ୍ରାର ଆୟୋଜନ କରାଯାଇଛି। ଏଥି ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସଂଘ କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ପାଣି ଟାଙ୍କି ଛକ ସ୍ଥିତ ଉତ୍କଳ ଆଶ୍ରମ ଲାଇବ୍ରେରୀ ହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷାବିତ୍ ତଥା ମଞ୍ଚ କଳାକାର ଶଙ୍କର୍ଷଣ ସାବତ ଏବଂ ସଂଘ ସହସମ୍ପାଦକ ବଳଦେବ ସାହୁ ମଂଚାସୀନ ଥିଲେ। ସଂଘ ସଭାପତି ସୀମାନ୍ତ ନଟରାଜ ଡ଼ା. ତିରୁପତି ସାହୁ ବାର୍ଷିକୋତ୍ସବ ଓ ଶୋଭାଯାତ୍ରାର ସର୍ବାଙ୍ଗ ସୁନ୍ଦରତା ପ୍ରତି ଧ୍ୟାନ ଦେବା ନିମନ୍ତେ ଭିଡିଓ ବାର୍ତ୍ତା ମାଧ୍ୟମରେ ପରାମର୍ଶ ଦେଇଥିଲେ। ସମ୍ପାଦକ ସୁବାସ ଚନ୍ଦ୍ର ସାହୁ ରୋଶନ୍ ଶୋଭାଯାତ୍ରାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ କଳାକାରମାନେ ଅଂଶ ଗ୍ରହଣ କରୁଥିବା ସୂଚନା ଦେବା ସହ ତାହା ସ୍ଥାନୀୟ ଗାନ୍ଧି ନଗର ଛକ ସ୍ଥିତ ଗାନ୍ଧି ପ୍ରତିମୂର୍ତ୍ତି ସ୍ଥଳରୁ ବାହାରି ପୁରୁଣା ବସଷ୍ଟାଣ୍ଡ, ଅନ୍ନପୂର୍ଣ୍ଣା ବଜାର, ଗିରିଜା ଛକ, ସତ୍ୟନାରାୟଣ ମନ୍ଦିର ରାସ୍ତା ଦେଇ ଗିରି ମାର୍କେଟ ଛକ ପ୍ରକାଶମ୍ ହଲ୍ ଅଭିମୁଖେ ଯାତ୍ରା କରିବ ବୋଲି ସୂଚନା ଦେଇଥିଲେ। ବୈଠକରେ ଉକ୍ତ ଶୋଭାଯାତ୍ରା ଓ ବାର୍ଷିକୋତ୍ସବ ପାଳନର ଚୂଡାନ୍ତ ରୂପରେଖ ପ୍ରସ୍ତୁତ କରାଯାଇଥିଲା। ଏଥିରେ ସର୍ବଶ୍ରୀ ଅଶୋକ କୁମାର ପାତ୍ର, ଅଭିରାମ ରାଉଳ, ଏମ. କୁମାରସ୍ୱାମୀ, ସୁଦାମ ପଟ୍ଟନାୟକ, ହରିଶ୍ଚନ୍ଦ୍ର ବରଡ଼, କିଶୋର ଗୌଡ଼, ନିରଞ୍ଜନ ସ୍ୱାଇଁ, ଅଳୟ ଜେନା, ବୁଲୁ ସ୍ୱାଇଁ, ଚିତ୍ତ ରଂଜନ ଦଳାଇ, ପାଣ୍ଡବ ପ୍ରଧାନ, କୈଳାସ ପାଣିଗ୍ରାହୀ, ମହେନ୍ଦ୍ର କୁମାର ସାହୁ, ଛବିରାଣୀ ମହାନ୍ତି ପ୍ରମୁଖ ସଦସ୍ୟ-ସଦସ୍ୟାମାନେ ଅଂଶ ଗ୍ରହଣ କରିଥିଲେ। ପରିଶେଷରେ ବରିଷ୍ଠ ସଦସ୍ୟ ମୃତ୍ୟୁଞ୍ଜୟ ତ୍ରିପାଠୀ ରାଜ୍ୟର ସମସ୍ତ କଳାକାର ଏଥିରେ ଯୋଗଦେବା ନିମନ୍ତେ ଆନୁଷ୍ଠାନିକ ନିମନ୍ତ୍ରଣ ଜଣାଇବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ଉପକୃତ ହେଲେ ପଞ୍ଚାୟତବାସୀ

ମଣ୍ଡଳ ସଭାପତି ମଞ୍ଚରେ ବସିବା ମୋହ ଲାଗିଛି କି
ମଣ୍ଡଳ ସଭାପତି ଙ୍କୁ କିଏ କରୁଛି ନିମନ୍ତ୍ରଣ ବିଧାୟକ ନା ବ୍ଲକ ପ୍ରଶାସନ ଉଠିଛି ପ୍ରଶ୍ନ

କୁକୁଡାଖଣ୍ଡି,୨୫।୬ : ରାଜ୍ୟରେ ବିଜେପି ସରକାର ଗଠନର ଦୁଇ ବର୍ଷ ପୂର୍ତ୍ତି ଅବସରରେ "ବିକାଶର ଧାରାରେ ଓଡ଼ିଶା ସାରା" କାର୍ଯ୍ୟକ୍ରମ କୁକୁଡାଖଣ୍ଡି ବ୍ଲକର ଜଗଦଲପୁର, ଅଙ୍କୁଶପୁର, ଲାଞ୍ଜିଆ, ଦକ୍ଷିଣପୁର ଓ ଅନ୍ତେଇ ପଞ୍ଚାୟତରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ସାଂସଦ ପ୍ରତିନିଧି ସନ୍ତୋଷ କୁମାର ଚୌଧୁରୀ, ବ୍ଲକ ଭାରପ୍ରାପ୍ତ ଅଧକ୍ଷା ବିଷ୍ଣୁପ୍ରିୟା ପାତ୍ର, ଜିପିଓ ଅଶୋକ କୁମାର ପଟ୍ଟନାୟକ ଓ ଯୋଗାଣ ଅଧିକାରୀ ସୁଧାକାର ମଲ୍ଲିକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ମହାପାତ୍ର ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ ସାଧାରଣ ଲୋକଙ୍କ ପାଇଁ ହୋଇଥିବା କଲ୍ୟାଣକାରୀ ପଦକ୍ଷେପ ସମ୍ପର୍କରେ ମତ ରଖିଥିଲେ। ସେ ମୁଣ୍ଡପିଛା ୫ କିଲୋ ଚାଉଳ ବଦଳରେ ୧୦ କିଲୋ ଚାଉଳ ଯୋଗାଣ ସମ୍ପର୍କରେ ମଧ୍ୟ ସୂଚନା ଦେଇଥିଲେ।କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ହିତାଧିକାରୀମାନଙ୍କୁ ଅନ୍ନପୂର୍ଣ୍ଣା ଯୋଜନା କାର୍ଡ, ନୂତନ ଭତ୍ତା କାର୍ଡ ଓ ଅନ୍ତ୍ୟୋଦୟ ଗୃହ ଯୋଜନାର ସୁବିଧା ପ୍ରଦାନ କରାଯାଇଥିଲା। ଜଗଦଲପୁର ପଞ୍ଚାୟତରେ ୧୦ ଜଣଙ୍କୁ ଅନ୍ନପୂର୍ଣ୍ଣା କାର୍ଡ, ୧୨ ଜଣଙ୍କୁ ଭତ୍ତା ଏବଂ ୨୦ ଜଣଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାର ସୁବିଧା ଦିଆଯାଇଥିଲା। ସେହିପରି ଅଙ୍କୁଶପୁର ପଞ୍ଚାୟତ ରେ ୧୬ ଜଣ ହିତାଧିକାରୀ ଙ୍କୁ ଅନ୍ନପୂର୍ଣ୍ଣା ଯୋଜନା କାର୍ଡ,ଭତ୍ତା ଅଠର ଜଣ, ଅନ୍ତ୍ୟୋଦୟ ଗୃହ ଯୋଜନା ଜଣଙ୍କୁ ପ୍ରଦାନ, ସେହିପରି ଲାଞ୍ଜିଆ ପଞ୍ଚାୟତ ରେ ତିରିଶି ଜଣ ହିତାଧିକାରୀ ଙ୍କୁ ଅନ୍ନପୂର୍ଣ୍ଣା ଯୋଜନା କାର୍ଡ ବଣ୍ଟନ କରାଯାଇଥିବା ବେଳେ ଦକ୍ଷିଣପୁର ପଞ୍ଚାୟତ ରେ ପନ୍ଦର ଜଣ ହିତାଧିକାରୀ ଙ୍କୁ ଅନ୍ନପୂର୍ଣ୍ଣା ଯୋଜନା କାର୍ଡ,ଭତ୍ତା ପନ୍ଦର ଜଣଙ୍କୁ ପ୍ରଦାନ କରାଯାଇଛି। ତାହା ସହ ଅନନ୍ତେଇ ପଞ୍ଚାୟତ ମଧ୍ୟ ଯୋଗ୍ୟ ହିତାଧିକାରୀଙ୍କ ଅନ୍ତ୍ୟୋଦୟ ଗୃହ ଯୋଜନା, ନୂତନ ଭତ୍ତା, ଅନ୍ନପୂର୍ଣ୍ଣା ଯୋଜନା କାର୍ଡ ପ୍ରଦାନ କରାଯାଇଛି।ତେବେ ଦକ୍ଷିଣପୁର ପଞ୍ଚାୟତର ଅନେକ ବୃଦ୍ଧ ଓ ବୃଦ୍ଧା ଏପର୍ଯ୍ୟନ୍ତ ଭତ୍ତା ସୁବିଧାରୁ ବଞ୍ଚିତ ରହିଥିବା ଅଭିଯୋଗ କରିଥିଲେ। କାର୍ଯ୍ୟକ୍ରମ ସମୟରେ ସେମାନେ ଏନେଇ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ସନ୍ତୋଷଜନକ ଉତ୍ତର ପାଇନଥିବା କିଛି ବୃଦ୍ଧ ବୃଦ୍ଧା ମତ ପ୍ରକାଶ କରିଛନ୍ତି।ଏହି କାର୍ଯ୍ୟକ୍ରମରେ ସରପଞ୍ଚ କ୍ରାନ୍ତି କୁମାରୀ ଦେବୀ, ମୁରଲୀ ସେଠୀ, ଅନୀଲ ଗୌଡ଼, ଦେବାଶିଷ ସେଠୀ, ପୂର୍ଣ୍ଣବାସୀ ବିଶ୍ୱାଳ, ସମିତି ସଭ୍ୟ ବି. ରବୀନ୍ଦ୍ର ପାତ୍ର, ସୁରେଶ ସେଠୀ, କାହ୍ନୁ ଚରଣ ପାତ୍ର, ସମାଜସେବୀ ଉଦୟ ବେହେରା ଓ କୈଳାସ ବିଷୋୟୀ,ରଜତ ପାତ୍ର ଙ୍କ ସମେତ ବିଭିନ୍ନ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ଶତାଧିକ ମହିଳା-ପୁରୁଷ ଏବଂ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।ଅନ୍ୟପକ୍ଷରେ, କାର୍ଯ୍ୟକ୍ରମକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। "ବିକାଶର ଧାରାରେ ଓଡ଼ିଶା ସାରା" ଏକ ସରକାରୀ କାର୍ଯ୍ୟକ୍ରମ ନା ଦଳୀୟ କାର୍ଯ୍ୟକ୍ରମ, ସେନେଇ ସାଧାରଣ ଲୋକଙ୍କ ମଧ୍ୟରେ ପ୍ରଶ୍ନ ଉଠିଛି। ବିଶେଷ କରି କେତେକ ଦଳୀୟ ପଦାଧିକାରୀ ମଞ୍ଚାସୀନ ରହିବା ଘଟଣାକୁ ନେଇ ଲୋକମାନେ ବିଭିନ୍ନ ପ୍ରଶ୍ନ ଉଠାଉଥିବା ଦେଖାଯାଇଛି।ଯଦି ସରକାରୀ କାର୍ଯ୍ୟକ୍ରମ ତାହା ହେଲେ କାହିଁକି ମଣ୍ଡଳ ସଭାପତି ମଞ୍ଚାସୀନ ରହୁଛନ୍ତି।ନା ମଣ୍ଡଳ ସଭାପତି ଙ୍କୁ ଚୌକି ର ମୋହ ଲାଗିଛି କି ନା ହାଇଲାଇଟ୍ ପାଇଁ ମଞ୍ଚରେ ବସୁଛନ୍ତି। ତାହା ବଡ଼ ପ୍ରଶ୍ନ ସୃଷ୍ଟି କରିଛି।

୨୮ ତାରିଖ ସୁଦ୍ଧା ପରିଗଣନା ଫର୍ମ ଦେଲେ ଖସଡ଼ା ଭୋଟର ତାଲିକାରେ ନାମ ସ୍ଥାନ ପାଇବ

- ୨୭୩୧ଟି ବୁଥ୍‌ରେ ଶତପ୍ରତିଶତ ଡିଜିଟାଇଜେସନ
- ଅବଶିଷ୍ଟ ୩୯୩ଟି ବୁଥ୍ ?ରେ ଆଜି ରାତି ସୁଦ୍ଧା କାର୍ଯ୍ୟ ସମ୍ପୂର୍ଣ୍ଣ ହେବ
- ୧,୩୮୩ଟି ମତଦାନ କେନ୍ଦ୍ରରେ ବିଏଲଓ-ବିଏଲଏ ବୈଠକ ସମ୍ପନ୍ନ

ଛତ୍ରପୁର,୨୫।୬ : ଗଞ୍ଜାମ ଜିଲ୍ଲା ଏକ ଜନବହୁଳ ଜିଲ୍ଲା ହୋଇଥିବା ସତ୍ତ୍ୱେ ଜିଲ୍ଲାର ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ)ମାନଙ୍କ ନିଷ୍ଠାପର ଉଦ୍ୟମ ଫଳରେ ଆଜି ସନ୍ଧ୍ୟା ୬ଟା ସୁଦ୍ଧା ଜିଲ୍ଲାର ମୋଟ ୩,୧୨୪ଟି ମତଦାନ କେନ୍ଦ୍ର ମଧ୍ୟରୁ ୨,୭୩୧ଟି ବୁଥ୍ ?ରେ ଶତପ୍ରତିଶତ ଡିଜିଟାଇଜେସନ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଛି। ଅବଶିଷ୍ଟ ୩୯୩ଟି ବୁଥ୍‌ରେ ଯୁଦ୍ଧକାଳୀନ ଭିତ୍ତିରେ ଡିଜିଟାଇଜେସନ କାର୍ଯ୍ୟ ଚାଲିଥିବା ବେଳେ ଆଜି ରାତି ସୁଦ୍ଧା ଏହା ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ଅନ୍ତର୍ଗତ ଜିଲ୍ଲାର ବିଭିନ୍ନ ମତଦାନ କେନ୍ଦ୍ରରେ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ) ଓ ବୁଥ୍ ସ୍ତରୀୟ ଏଜେଣ୍ଟ (ବିଏଲଏ)ମାନଙ୍କ ବୈଠକ ଜାରି ରହିଛି। ଅଦ୍ୟାବଧି ଜିଲ୍ଲାର ମୋଟ ୩,୧୨୪ଟି ମତଦାନ କେନ୍ଦ୍ର ମଧ୍ୟରୁ ୧,୩୮୩ଟି ମତଦାନ କେନ୍ଦ୍ରରେ ନିର୍ବାଚକ ପଞ୍ଜୀକରଣ ଅଧିକାରୀ (ଇଆରଓ) ଓ ସହକାରୀ ନିର୍ବାଚକ ପଞ୍ଜୀକରଣ ଅଧିକାରୀ (ଏଇଆରଓ)ମାନଙ୍କ ଅଧ୍ୟକ୍ଷତାରେ ବିଏଲଓ-ବିଏଲଏ ବୈଠକ ସମ୍ପନ୍ନ ହୋଇଛି। ବିଧାନସଭା ନିର୍ବାଚନମଣ୍ଡଳୀ ଭିତ୍ତିକ ତଥ୍ୟ ଅନୁଯାୟୀ ଭଞ୍ଜନଗରରେ ୪୨ଟି, ପୋଲସରାରେ ୧୮୭ଟି, କବିସୂର୍ଯ୍ୟନଗରରେ ୧୦୨ଟି, ଖଲ୍ଲିକୋଟରେ ୩୨ଟି, ଛତ୍ରପୁରରେ ୧୦୧ଟି, ଆସିକାରେ ୧୦୭ଟି, ସୋରଡାରେ ୧୦୯ଟି, ସାନଖେମୁଣ୍ଡିରେ ୫୫ଟି, ହିଞ୍ଜିଳିରେ ୧୮୧ଟି, ଗୋପାଳପୁରରେ ୧୪୮ଟି, ବ୍ରହ୍ମପୁରରେ ୧୦୨ଟି, ଦିଗପହଣ୍ଡିରେ ୧୨୯ଟି ଏବଂ ଚିକିଟିରେ ୮୮ଟି ବୁଥ୍‌ରେ ବିଏଲଓ-ବିଏଲଏ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକଗୁଡ଼ିକରେ ମତଦାତା ତାଲିକାରେ ନୂତନ ନାମ ସଂଯୋଜନ, ମୃତ, ସ୍ଥାନାନ୍ତରିତ ଏବଂ ଏକାଧିକ ସ୍ଥାନରେ ଥିବା ନାମ ବିଲୋପନ ସହ ଅନ୍ୟାନ୍ୟ ନିର୍ବାଚନ ସମ୍ବନ୍ଧୀୟ ବିଷୟ ଉପରେ ଆଲୋଚନା କରାଯାଉଛି। ଅବଶିଷ୍ଟ ମତଦାନ କେନ୍ଦ୍ରଗୁଡ଼ିକରେ ମଧ୍ୟ ଶୀଘ୍ର ବିଏଲଓ-ବିଏଲଏ ବୈଠକ ସମ୍ପନ୍ନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। ଜନସାଧାରଣଙ୍କୁ ବିଶେଷ ଭାବେ ଅବଗତ କରାଯାଉଛି ଯେ, ଯଦି କୌଣସି ଭୋଟର କୌଣସି କାରଣବଶତଃ ଭୋଟର ତାଲିକାରୁ ବାଦ ପଡ଼ିଯାଇଥାନ୍ତି କିମ୍ବା ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କରେ ଅଧିକ ସୂଚନା ଜାଣିବାକୁ ଚାହୁଁଥାନ୍ତି, ତେବେ ସେମାନେ ତୁରନ୍ତ ନିଜ ଅଞ୍ଚଳର ବିଏଲଓଙ୍କ ସହ ଯୋଗାଯୋଗ କରନ୍ତୁ। ଏହାବ୍ୟତୀତ ଇସିଆଇନେଟ୍ ଆପ୍ ଏବଂ ଟୋଲ୍ ?-ଫ୍ରି ନମ୍ବର ୧୯୫୦ର ସହାୟତା ମଧ୍ୟ ନିଆଯାଇପାରିବ। ଇସିଆଇନେଟ୍ ଆପ୍ ମାଧ୍ୟମରେ 'କଲ୍ ବୁକ୍ କରନ୍ତୁ' ସୁବିଧାର ମଧ୍ୟ ଉପଯୋଗ କରାଯାଇପାରିବ। ୨୮ ଜୁନ ୨୦୨୬ ସୁଦ୍ଧା ବିଏଲଓଙ୍କୁ ପରିଗଣନା ଫର୍ମ ପ୍ରଦାନ କଲେ ସମ୍ପୃକ୍ତ ମତଦାତାଙ୍କ ନାମ ଖସଡ଼ା ଭୋଟର ତାଲିକାରେ ସ୍ଥାନ ପାଇବ। ଏଥିପାଇଁ ଆଉ ମାତ୍ର ଦୁଇ/ତିନି ଦିନ ସମୟ ବାକି ଥିବାରୁ ସମସ୍ତ ଯୋଗ୍ୟ ଭୋଟରଙ୍କୁ ଶୀଘ୍ର ବିଏଲଓଙ୍କ ସହ ଯୋଗାଯୋଗ କରି ପରିଗଣନା ଫର୍ମ ଦାଖଲ କରିବାକୁ ଅନୁରୋଧ କରାଯାଇଛି। ଏହା ସହିତ ଭୋଟରମାନେ ନିର୍ବାଚନ ଆୟୋଗଙ୍କ ପୋର୍ଟାଲ୍‌ରୁ ଫର୍ମ ଡାଉନଲୋଡ୍ କରି ପୂରଣ କରିବା ପରେ ଅନଲାଇନ୍‌ରେ ମଧ୍ୟ ଦାଖଲ କରିପାରିବେ। ସୂଚନାଯୋଗ୍ୟ ଯେ, ଖସଡ଼ା ଭୋଟର ତାଲିକା ୦୫ ଜୁଲାଇ ୨୦୨୬ରେ ପ୍ରକାଶ ପାଇବ। ୦୫ ଜୁଲାଇରୁ ୦୪ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ କରାଯାଇପାରିବ। ଏହାର ନିଷ୍ପତ୍ତି ୦୨ ସେପ୍ଟେମ୍ବର ୨୦୨୬ ସୁଦ୍ଧା କରାଯିବ ଏବଂ ୦୬ ସେପ୍ଟେମ୍ବର ୨୦୨୬ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ।

ନିର୍ବାଚନ ମଣ୍ଡଳୀରେ ଏସଆଇଆରର ତଥ୍ୟ ରଖିଲେ ଉପଜିଲ୍ଲାପାଳ

ଆଠମଲ୍ଲିକ,୨୫।୬ : ସ୍ଥାନୀୟ ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପରିସରରେ ନିର୍ବାଚକ ପଞ୍ଜିକରଣ ଅଧିକାରୀ ତଥା ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା ଏସ. ଆଇ. ଆର. କାର୍ଯ୍ୟକ୍ରମ ଉପରେ ଏକ ସାମ୍ବାଦିକ ସମ୍ମିଳନୀ କରି ବିଭିନ୍ନ ତଥ୍ୟ ର ସୂଚନା ଦେଇଥିଲେ । ମୁଖ୍ୟତଃ ଆଠମଲ୍ଲିକ ବିଧାନ ସଭା ନିର୍ବାଚନ ମଣ୍ଡଳୀ ର ଭୋଟ ର ତାଲିକା ଗଣନା ପ୍ରକ୍ରିୟା ର ସଫଳ ସମାପ୍ତି ଓ ଚିଠା ଭୋଟ ର ତାଲିକା ପ୍ରସ୍ତୁତି ର ସ୍ଥିତି ସମ୍ପର୍କ ରେ ସୂଚନା ଦେଇଥିଲେ । ମେ ୩୦ ତାରିଖ ରୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ସଂଘନ ସଂଶୋଧନ ୨୦୨୬ ଏହି ବୃହତ ନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ରେ ୨୪୮ ଜଣ ବୁଥ ସ୍ତରୀୟ ଅଧିକାରୀ ୨୪ ଜଣ ବି ଏଲ ଓ ସୁପର ଭାଇଜର ଙ୍କୁ ବ୍ୟାପକ ପ୍ରଶିକ୍ଷଣ ଦିଆ ଯାଇଥିଲା। ସମଗ୍ର କ୍ଷେତ୍ର ସ୍ତରୀୟ କାର୍ଯ୍ୟକ୍ରମ କୁ ଛ ଜଣ ସହକାରୀ ନିର୍ବାଚକ ପଞ୍ଜିକରଣ ଅଧିକାରୀ ସକ୍ରିୟ ଭାବେ ତଦାରଖ କରିଥିଲେ । ସମୁଦାୟ ଦୁଇ ଲକ୍ଷ ଆଠ ହଜାର ସାତ ସହ ସାତ ଗଣନା ଫର୍ମ ବଣ୍ଟନ କରା ଯାଇଥିବା ବେଳେ ଦୁଇ ଲକ୍ଷ ଏକ ହଜାର ନଅ ଶହ ସତାନବେ ଫର୍ମ ସଂଗୃହିତ ହୋଇଥିବା ବେଳେ ଦୁଇ ଲକ୍ଷ ଏକ ହଜାର ନଅ ଶହ ସତାନବେ ଫର୍ମ ଡିଜି ଟା ଲାଇଜ ହୋଇ ସାରିଛି । ଜୁଲାଇ ଏକ ତାରିଖ ରୁ ଅଠର ବର୍ଷ ହୋଇଥିବା ନୂତନ ଭୋଟ ର ଅଗଷ୍ଟ ଚାରି ତାରିଖ ପର୍ଯ୍ୟନ୍ତ ପଞ୍ଜିକରଣ କରି ନାମ ଯୋଡି ପାରିବେ।

ପ୍ରତିଶବ୍ଦ TV

ଭୁବନେଶ୍ୱର, ୨୬ ଜୁନ୍ ୨୦୨୬

ବାଇକ୍‌ରେ ଆସି ୨ ଦୁର୍ବୃତ୍ତଙ୍କ ଆକ୍ରମଣ

- ପ୍ରାୟ ୮ ରାଉଣ୍ଡ ଗୁଳି ଚଳାଇ ଫେରାର
- ବ୍ୟବସାୟିକ ଶତ୍ରୁତା ନା ଅନ୍ୟ କାରଣ ତଦନ୍ତ ଜାରି

ବାଲେଶ୍ୱର, ୨୫।୬ : ବାଲେଶ୍ୱର ସହରର ବ୍ୟସ୍ତବହୁଳ ଅଡର ବଜାର ଅଞ୍ଚଳରେ ଗୁରୁବାର ଦିନ ଦ୍ୱିପ୍ରହରରେ ଘଟିଥିବା ଏକ ଚାଞ୍ଚଲ୍ୟକର ଗୁଳିକାଣ୍ଡରେ ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସେଖ୍ ହମିଦ (ଏସ୍.କେ. ହମିଦ)। ସୂଚନା ଅନୁସାରେ, ସହଦେବଖୁଣ୍ଟା ଥାନା ଅଧୀନ ଅରଡବଜାର ମାର୍କେଟ୍‌ରେ ଦୁଇ ଜଣ ଦୁର୍ବୃତ୍ତ ଏକ ମୋଟରସାଇକେଲ୍‌ରେ ଆସି ସେଖ୍ ହମିଦଙ୍କ ଉପରେ ଅତର୍କିତ ଭାବେ ଗୁଳିମାଡ଼ କରିଥିଲେ। ଆକ୍ରମଣକାରୀମାନେ ପ୍ରାୟ ୮ ରାଉଣ୍ଡ ଗୁଳି ଚଳାଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗୁରୁତର ଆହତ ଅବସ୍ଥାରେ ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ଦିନ ଦ୍ୱିପ୍ରହରରେ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଏଭଳି ଗୁଳିକାଣ୍ଡ ଘଟିବା ପରେ ସମଗ୍ର ଅଞ୍ଚଳରେ ଆତଙ୍କ ଓ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଖବର ପାଇ ସହଦେବଖୁଣ୍ଟା ପୋଲିସ ଏବଂ ଉଚ୍ଚପଦସ୍ଥ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ହତ୍ୟାକାଣ୍ଡର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବାବେଳେ ବ୍ୟବସାୟିକ ଶତ୍ରୁତା କିମ୍ବା ବ୍ୟକ୍ତିଗତ ବିବାଦ ଏହାର ପଛରେ ଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି। ସିସିଟିଭି ଫୁଟେଜ୍ ଓ ଅନ୍ୟାନ୍ୟ ପ୍ରମାଣ ଆଧାରରେ ସମସ୍ତ ଦିଗକୁ ନେଇ ତଦନ୍ତ ଜାରି ରହିଛି।

ଜମି ବାଡ଼ି ଝଗଡାକୁ କେନ୍ଦ୍ର କରି ଦାଦା ନେଇଗଲା ଝିଆରୀ ଜୀବନ

ବାସୁଦେବପୁର,୨୫।୬ : ଜମି ବାଡ଼ି ଝଗଡାରେ ଦାଦା ନେଇଗଲା ଝିଆରୀର ଜୀବନ। ମା ଛେଉଣ୍ଡ ହୋଇଗଲା ୨୨ ବର୍ଷର ଝିଅ। ଏମିତି ଏକ ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବାସୁଦେବପୁର ପୌରପାଳିକା ଅନ୍ତର୍ଗତ ଭୈରବପୁର ଗ୍ରାମରେ। ସୂଚନା ଅନୁଯାୟୀ ଜୁନ୍ ୨୩ ତାରିଖ ସନ୍ଧ୍ୟାରେ ଇଜମାଇଲ ଜମିରେ ଲୁଗା ଶୁଖାଇବା ଉଦ୍ଦେଶ୍ୟରେ ବିଧବା ଝିଆରୀ ସସ୍ମିତା ପରିଡା ଏକ ଖୁଣ୍ଟ ପୋତିବା ସମୟରେ ଦାଦା ପ୍ରହ୍ଲାଦ ବାରିକ ବାରଣ କରିବା ସହିତ ଝିଆରୀ କୁ ଅଶ୍ଳୀଳ ଭାଷା ରେ ଗାଳିଗୁଲଜ କରିଥିଲେ। ଏଥିରେ ଝିଆରୀ ପ୍ରତିବାଦ କରିବାରୁ ଦାଦା ପ୍ରହ୍ଲାଦ ବାରିକ ଏକ ବାଉଁଶ ବାଡ଼ି ରେ ସସ୍ମିତା ପରିଡା ଙ୍କ ମୁଣ୍ଡକୁ ଏକ ଶକ୍ତ ପ୍ରହାର ଦେଇଥିଲେ। ଯାହା ଫଳରେ ସସ୍ମିତା ଙ୍କର ମୁଣ୍ଡରେ ଆଘାତ ଯୋଗୁଁ ଚେତାଶୂନ୍ୟ ହୋଇଯାଇଥିଲେ। ପରିବାର ଲୋକେ ତାଙ୍କୁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ପରେ ସସ୍ମିତା ପରିଡା ଙ୍କ ୨୨ ବର୍ଷୀୟ ଝିଅ ପ୍ରିୟଙ୍କା ପରିଡା ବାସୁଦେବପୁର ଥାନା ରେ ପ୍ରହ୍ଲାଦ ବାରିକ ଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ସୂଚନା ଯୋଗ୍ୟ ସସ୍ମିତା ପରିଡା ଙ୍କ ଘର କେନ୍ଦ୍ରାପଡା ଜିଲ୍ଲା ରାଜକନିକା ବ୍ଲକ ଅନ୍ତର୍ଗତ ଯଶିପୁର ଅଞ୍ଚଳ ରେ । ସ୍ୱାମୀ ମରିଯିବା ପରେ ସସ୍ମିତା ଝିଅକୁ ନେଇ ଭୈରବପୁର ସ୍ଥିତ ନିଜ ବାପ ଘରେ ରହିଆସୁଥିଲେ। ଝିଅ ର ଅଭିଯୋଗ କ୍ରମେ ବାସୁଦେବପୁର ପୋଲିସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ତଦନ୍ତ କରିବା ସହିତ ସାଇଣ୍ଟିଫିକ୍ ଟିମ୍ ଡକାଇ ମୃତ ଦେହର ଯାଞ୍ଚ କରିଥିଲେ। ଏଥିସହିତ ଶବ ବ୍ୟବଚ୍ଛେଦ ପାଇଁ ପରିବାର ଲୋକଙ୍କୁ କହିଥିଲେ। ହେଲେ ପ୍ରହ୍ଲାଦ ଙ୍କୁ ଗିରଫ ନ କରିବା ପର୍ଯ୍ୟନ୍ତ ଶବ ବ୍ୟବଚ୍ଛେଦ ହେବନାହିଁ ବୋଲି ପରିବାର ଲୋକେ କହିଥିଲେ। ଏଣୁ ପୋଲିସ ଫେରାର ହୋଇଯାଇଥିବା ପ୍ରହ୍ଲାଦ ବାରିକ ଙ୍କୁ କଟକ ରୁ ଗିରଫ କରିଥିଲେ। ଗିରଫ ଖବର ପାଇ ବାସୁଦେବପୁର ପୋଲିସ ଅପରାହ୍ନ ପ୍ରାୟ ଗୋଟେ ସମୟ ରେ ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ଶବ ବ୍ୟବଚ୍ଛେଦ କେନ୍ଦ୍ରକୁ ପଠାଇଥିଲେ। ପରିବାର ଲୋକେ ଙ୍କ ପକ୍ଷରୁ ଅଭିଯୋଗ କ୍ରମେ ପୋଲିସ ପ୍ରହ୍ଲାଦ ଙ୍କୁ ଗିରଫ କରିବା ସହିତ କେଶ୍ ନମ୍ବର ୩୭୫/୨୦୨୬ ରେ ଏକ ହତ୍ୟା ମାମଲାରେ ରୁଜୁ କରି ଜୁନ୍ ୨୪ ତାରିଖ ସନ୍ଧ୍ୟା ରେ କୋର୍ଟ ଚାଲାଣ କରିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ଗୃହରକ୍ଷୀ ପରୀକ୍ଷା ଫଳ ପ୍ରକାଶ ବିଳମ୍ବକୁ ନେଇ ଆଶାୟୀଙ୍କ ବିକ୍ଷୋଭ

ବାଲେଶ୍ୱର, ୫।୬ : ବାଲେଶ୍ୱର ଜିଲ୍ଲାର ଗୃହରକ୍ଷୀ ନିଯୁକ୍ତି ପରୀକ୍ଷା ଫଳ ପ୍ରକାଶରେ ଅସ୍ୱାଭାବିକ ବିଳମ୍ବକୁ ନେଇ ଗୁରୁବାର ଆଶାୟୀ ପରୀକ୍ଷାର୍ଥୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପରୀକ୍ଷା ସମାପ୍ତ ହୋଇ ପ୍ରାୟ ଚାରି ମାସ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଫଳ ପ୍ରକାଶ ନ ହେବାକୁ ନେଇ ପରୀକ୍ଷାର୍ଥୀମାନେ କ୍ଷୋଭ ପ୍ରକାଶ କରିଛନ୍ତି ।ଆଶାୟୀମାନଙ୍କ ଅଭିଯୋଗ ଅନୁସାରେ, ଗତ ଦୁଇ ମାସ ଧରି ସେମାନେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ବାରମ୍ବାର ଦାବି ଉପସ୍ଥାପନ କରିଥିଲେ ମଧ୍ୟ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଫଳ ପ୍ରକାଶରେ ବିଳମ୍ବ ପଛରେ ଦୁର୍ନୀତି କିମ୍ବା ରାଜନୈତିକ ଚାପ କାର୍ଯ୍ୟ କରୁଥିବା ନେଇ ସେମାନେ ସନ୍ଦେହ ପ୍ରକାଶ କରିଛନ୍ତି ।ପରୀକ୍ଷାର୍ଥୀମାନଙ୍କ କହିବା ଅନୁଯାୟୀ, ରାଜ୍ୟର ଅନ୍ୟାନ୍ୟ ଜିଲ୍ଲାରେ ଗୃହରକ୍ଷୀ ନିଯୁକ୍ତି ପରୀକ୍ଷା ଫଳ ପ୍ରକାଶ ପାଇସାରିଛି ଏବଂ ଅନେକ ପ୍ରାର୍ଥୀ ନିଯୁକ୍ତି ମଧ୍ୟ ପାଇଛନ୍ତି। ମାତ୍ର ବାଲେଶ୍ୱର ଜିଲ୍ଲାରେ ଫଳ ପ୍ରକାଶ ନ ହେବା ପଛର କାରଣ ସ୍ପଷ୍ଟ କରିବା ସହ ଶୀଘ୍ର ଫଳ ପ୍ରକାଶ କରିବାକୁ ସେମାନେ ଦାବି କରିଛନ୍ତି ।ତେବେ, ଏହି ଅଭିଯୋଗ ନେଇ ପ୍ରଶାସନ ପକ୍ଷରୁ କୌଣସି ଆନୁଷ୍ଠାନିକ ପ୍ରତିକ୍ରିୟା ମିଳିନାହିଁ। ପରୀକ୍ଷାର୍ଥୀମାନେ ଶୀଘ୍ର ଫଳ ପ୍ରକାଶ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଅଧିକ ଜୋରଦାର କରିବାକୁ ଚେତାବନୀ ଦେଇଛନ୍ତି।

ରଥଯାତ୍ରା ପୂର୍ବରୁ କେବଳ ବୈଠକ ନୁହେଁ, ଆବଶ୍ୟକ ବାସ୍ତବ ପଦକ୍ଷେପ

ଫୁଲନଖରା–ନିଆଳି ରାସ୍ତାର ଟ୍ରାଫିକ ସମସ୍ୟା ସମାଧାନ ପାଇଁ ପ୍ରଶାସନକୁ ଚେତାବନୀ

ଫୁଲନଖରା,୨୫।୬ : କଟକ ସଦର ଥାନା ଅନ୍ତର୍ଗତ ଫୁଲନଖରା–ନିଆଳି ମୁଖ୍ୟ ସଡ଼କ ପାର୍ଶ୍ୱରେ ଅବସ୍ଥିତ କୁରାଙ୍ଗ ଶାସନ ନଡ଼ିଆଗୁରୁଡିର ପ୍ରସିଦ୍ଧ ଶ୍ରୀଜଗନ୍ନାଥ ମନ୍ଦିରର ରଥଯାତ୍ରା ଓ ବାହୁଡ଼ା ଯାତ୍ରାକୁ ନେଇ ପ୍ରତିବର୍ଷ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ। ମାତ୍ର ଧାର୍ମିକ ଉତ୍ସବର ଆଢ଼ରେ ମୁଖ୍ୟ ସଡ଼କରେ ସୃଷ୍ଟି ହେଉଥିବା ଚରମ ଯାତାୟାତ ଅବ୍ୟବସ୍ଥା ଏବେ ସାଧାରଣ ଲୋକଙ୍କ ପାଇଁ ଗୁରୁତର ସମସ୍ୟାର କାରଣ ପାଲଟିଛି। ପ୍ରତିବର୍ଷ ରଥଯାତ୍ରା ଓ ବାହୁଡ଼ା ଅବସରରେ ମହାପ୍ରଭୁଙ୍କ ରଥ ପ୍ରାୟ ଏକ କିଲୋମିଟର ଦୂରରେ ଥିବା ମାଉସୀ ମା' ମନ୍ଦିରକୁ ଯାଇଥାଏ। ତେବେ ପ୍ରାୟ ୨୫ – ୩୦ ଫୁଟ୍ରୁ ଅଧିକ ଉଚ୍ଚତା ବିଶିଷ୍ଟ ଏହି ରଥ ମୁଖ୍ୟ ରାସ୍ତା ମଝି ଦେଇ ଯାତ୍ରା କରିବାକୁ ବାଧ୍ୟ ହୋଇଥାଏ । ରାସ୍ତାର ଦୁଇ ପାର୍ଶ୍ୱରେ ବର୍ଷ ବର୍ଷ ଧରି ବଢ଼ିଥିବା ବୃକ୍ଷର ଡାଳପତ୍ର ସଡ଼କ ଉପରକୁ ମାଡ଼ି ଆସିଥିବାରୁ ରଥକୁ ଏକ ପାର୍ଶ୍ୱରେ ଚଳାଚଳ କରାଇବା ସମ୍ଭବ ହେଉନାହିଁ। ଫଳରେ ରଥ ଟଣା ସମୟରେ ସମ୍ପୂର୍ଣ୍ଣ ରାସ୍ତା ଅବରୋଧ ହୋଇଯାଉଛି ଏବଂ ଉଭୟ ପାର୍ଶ୍ୱରେ ଶହଶହ ଛୋଟ ଓ ବଡ଼ ଯାନବାହନ ଦୀର୍ଘ ସମୟ ଧରି ଅଟକି ରହୁଛି। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ଏହି ରାସ୍ତା କେବଳ ସ୍ଥାନୀୟ ଯାତାୟାତ ପାଇଁ ନୁହେଁ ବରଂ ନିଆଳି, ଅଢ଼ଙ୍ଗପୁର, କଣ୍ଟାପଡ଼ା, ଚାରିଛକ ଓ ଆଖପାଖ ଅଞ୍ଚଳର ହଜାର ହଜାର ଲୋକଙ୍କ ଦୈନନ୍ଦିନ ଯାତାୟାତର ପ୍ରମୁଖ ରାସ୍ତା ଅଟେ । ରୋଗୀଙ୍କୁ ନେଇ ମହିଧରପଡ଼ା ଡାକ୍ତରଖାନା, ଓଲଟପୁର ନିତାର କେନ୍ଦ୍ର କିମ୍ବା କଟକ ଓ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଆମ୍ବୁଲାନ୍ସ ଓ ଅନ୍ୟାନ୍ୟ ଜରୁରୀକାଳୀନ ଗାଡ଼ିମାନେ ମଧ୍ୟ ଏହି ଜାମରେ ଫସି ରହୁଛନ୍ତି। ଅନେକ ସମୟରେ ରୋଗୀ ଓ ସେମାନଙ୍କ ପରିବାର ଲୋକ ନାହିଁନଥିବା ହଇରାଣର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ, ଏହି ସମସ୍ୟା ଆଜିର ନୁହେଁ। ବର୍ଷ ବର୍ଷ ଧରି ରଥଯାତ୍ରା ସମୟରେ ସମାନ ପରିସ୍ଥିତି ଦେଖାଦେଉଥିଲେ ମଧ୍ୟ ରଥଯାତ୍ରା ପରିଚାଳନା କମିଟି, ସ୍ଥାନୀୟ ପ୍ରଶାସନ ଓ ପୋଲିସ ବିଭାଗ ପକ୍ଷରୁ ସ୍ଥାୟୀ ସମାଧାନ ଦିଗରେ କୌଣସି ଦୃଢ଼ ପଦକ୍ଷେପ ନିଆଯାଇନାହିଁ। ରଥଯାତ୍ରା ସମୟରେ ଖାଲି ବୈଠକ ଉପରେ ଗୁରୁତ୍ୱ ନ୍ ଦେଇ ରଥ ଯାତ୍ରା ସମୟରେ ହେଉଥିବା ଏଭଳି ଗୁରୁତ୍ୱପୂର୍ଣ୍ଣ ଅସୁବିଧା ସୁଧାରିବାକୁ ପୋଲିସ ପ୍ରଶାସନ ଓ ମନ୍ଦିର ପରିଚାଳନା କମିଟିକୁ ବୁଦ୍ଧିଜିବୀ ମାନେ ଦାବି କରିଛନ୍ତି ।। ରାସ୍ତା ଉପରକୁ ମାଡ଼ି ରହିଥିବା ଗଛ ଡାଳଗୁଡ଼ିକୁ ଛେଦନ କରାଯାଇ ରଥ ଚଳାଚଳ ପାଇଁ ଗୋଟିଏ ପାର୍ଶ୍ୱ ସୁଗମ କରାଗଲେ ଅନ୍ୟ ପାର୍ଶ୍ୱରେ ସାଧାରଣ ଯାନବାହନ ଚଳାଚଳ ସ୍ୱାଭାବିକ ରହିପାରିବ। କିନ୍ତୁ ଏଭଳି ସରଳ ଓ ବ୍ୟବହାରିକ ବ୍ୟବସ୍ଥା ପ୍ରତି ପ୍ରଶାସନର ଉଦାସୀନତାକୁ ନେଇ ସ୍ଥାନୀୟ ଅଞ୍ଚଳରେ କ୍ଷୋଭ ପ୍ରକାଶ ପାଉଛି। ଅଞ୍ଚଳବାସୀଙ୍କ ମତରେ, ଧାର୍ମିକ ପରମ୍ପରାର ସୁରକ୍ଷା ଯେତିକି ଆବଶ୍ୟକ, ସେତିକି ଜନସାଧାରଣଙ୍କ ସୁବିଧା, ଜରୁରୀ ସ୍ୱାସ୍ଥ୍ୟସେବା ଓ ନିରବଚ୍ଛିନ୍ନ ଯାତାୟାତ ବ୍ୟବସ୍ଥା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ତେଣୁ ଆସନ୍ତା ରଥଯାତ୍ରା ପୂର୍ବରୁ କଟକ ସଦର ପୋଲିସ, ସ୍ଥାନୀୟ ପ୍ରଶାସନ, ଜଙ୍ଗଲ ବିଭାଗ ଓ ରଥଯାତ୍ରା ପରିଚାଳନା କମିଟି ମିଳିତ ଭାବେ ଏକ ସୁପରିକଳ୍ପିତ ଟ୍ରାଫିକ ପରିଚାଳନା ବ୍ୟବସ୍ଥା କରିବା ସହ ରାସ୍ତା ଉପରକୁ ଝୁଲି ରହିଥିବା ଗଛ ଡାଳଗୁଡ଼ିକର ଛେଦନ କରି ଯାତାୟାତ ବାଧା ଦୂର କରିବାକୁ ଦାବି ଜୋର ଧରିଛି। ସମସ୍ୟାର ସ୍ଥାୟୀ ସମାଧାନ ନ ହେଲେ ଆଗାମୀ ଦିନରେ ରଥଯାତ୍ରା ସମୟରେ ବଡ଼ଧରଣର ଟ୍ରାଫିକ ଅବ୍ୟବସ୍ଥା ସହ ଜରୁରୀ ସେବା ବ୍ୟାହତ ହେବାର ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇପାରିବ ନାହିଁ ବୋଲି ବୁଦ୍ଧିଜୀବୀ ଓ ସାଧାରଣ ଲୋକେ ମତ ପ୍ରକାଶ କରିଛନ୍ତି।

ନୋଡାଲ ସଚିବଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ

କୋରାପୁଟ,୨୫।୬ : କୋରାପୁଟ ଠାରେ ରାଜ୍ୟ ସରକାରଙ୍କ ନୋଡାଲ ସଚିବ ଶ୍ରୀ ଆର୍. ଏସ୍. ଗୋପାଳନ ଙ୍କ ଅଧ୍ୟକ୍ଷତାରେ ସମସ୍ତ ଲାଇନ୍ ବିଭାଗର ଅଧିକାରୀମାନଙ୍କ ସହ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ସହର ସ୍ଥିତ ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସ୍ୱାସ୍ଥ୍ୟ, ଶିକ୍ଷା, ମହିଳା ଓ ଶିଶୁ ବିକାଶ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ, ସାର୍ବଜନୀନ ବିତରଣ ବ୍ୟବସ୍ଥା, ସମବାୟ, ଶକ୍ତି, ଗଞ୍ଜଗର, ବାଣିଜ୍ୟ ଓ ପରିବହନ ଆଦି ବିଭାଗର ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ ଏବଂ ଜନସାଧାରଣଙ୍କୁ ମିଳୁଥିବା ସୁବିଧା ଓ କଲ୍ୟାଣ ବିଷୟରେ ସବିଶେଷ ସମୀକ୍ଷା କରାଯାଇଥିଲା। ବୈଠକ ଆରମ୍ଭରେ ଜିଲ୍ଲାପାଳ ମନୋଜ ସତ୍ୟଓ୍ୱାନ ମହାଜନ ନୋଡାଲ ସଚିବଙ୍କୁ ସ୍ୱାଗତ କରିଥିଲେ। ସମ୍ପୃକ୍ତ ସମସ୍ତ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଏହି ବୈଠକରେ ଉପସ୍ଥିତ ଥିଲେ। ଶେଷରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବେଣୁଧର ଶବର ଅଧକ୍ଷଙ୍କୁ ଧନ୍ୟବାଦ ଅର୍ପଣ କରି ବୈଠକ ସମାପନ କରିଥିଲେ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱର୍ଗତ ସ୍ୱରାଜ୍ୟ ଶିଶାଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି

କୋରାପୁଟ,୨୫।୬ : କୋରାପୁଟ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱର୍ଗତ ସ୍ୱରାଜ୍ୟ ଶିଶାଙ୍କ ପରଲୋକରେ ସମଗ୍ର ସୂଚନା ଓ ଲୋକସମ୍ପର୍କ ପରିବାର ମଧ୍ୟରେ ଗଭୀର ଶୋକର ଛାୟା ଖେଳିଯାଇଛି। ତାଙ୍କ ପାର୍ଥିବ ଶରୀର ନିକଟରେ ଉପସ୍ଥିତ ଅଧିକାରୀମାନେ ପୁଷ୍ପମାଲ୍ୟ ଅର୍ପଣ କରି ଶେଷ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ଏବଂ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଏହି ଅବସରରେ କୋରାପୁଟ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ)ତପନ କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନରେଶଚନ୍ଦ୍ର ଶବର ଦକ୍ଷିଣାଞ୍ଚଳ ଉପ-ନିର୍ଦ୍ଦେଶକ ଶ୍ରୀ ବସନ୍ତ କୁମାର ପ୍ରଧାନ, ମାଲକାନଗିରି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ପ୍ରମିଳା ମାଝୀ, ରାୟଗଡ଼ା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଦେବରାଜ ଟାକ୍ରି, ଗଜପତି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ପ୍ରଦୀପ୍ତ ଗୁରୁମାଇ, ନବରଙ୍ଗପୁର ଉପଖଣ୍ଡ-ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ସତ୍ୟନାରାୟଣ ପ୍ରଧାନ, କୋରାପୁଟ ଉପଖଣ୍ଡ -ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ରାଧାରାଣୀ ସରକାର ଏବଂ ଜୟପୁର ଉପଖଣ୍ଡ-ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ଯଶୋଦା ଗାଦବା ଓ ସାମ୍ବାଦିକ ବନ୍ଧୁ ତଥା ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି

ଉପସ୍ଥିତ ରହି ସ୍ୱର୍ଗତ ଶିଶାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଉପସ୍ଥିତ ଅଧିକାରୀମାନେ ସ୍ୱର୍ଗତ ସ୍ୱରାଜ୍ୟ ଶିଶାଙ୍କ ନିଷ୍ଠା, କର୍ମଦକ୍ଷତା ଏବଂ ଜନସମ୍ପର୍କ କ୍ଷେତ୍ରରେ ତାଙ୍କର ଅବଦାନକୁ ସ୍ମରଣ କରିଥିଲେ। ତାଙ୍କ ବିୟୋଗ ବିଭାଗ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ସମସ୍ତେ ମତପ୍ରକାଶ କରିଥିଲେ। ଶେଷରେ କୋରାପୁଟ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପରିସରରେ ତାଙ୍କର ଅମର ଆତ୍ମାର ସଦ୍ ?ଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା ।ଏଥିରେ କୋରାପୁଟ ଜିଲ୍ଲା ପ୍ରଶାସନ ତରଫରୁ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଶ୍ରୀ ବେଣୁଧର ଶବର ଙ୍କ ସମେତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

ମାଙ୍କଡ଼ କାମୁଡାରେ ୫ ଜଣ ଗୁରୁତର ଆହତ



ବାସୁଦେବପୁର, ୨୫।୬ : ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ବିନାୟକପୁର ପଞ୍ଚାୟତ ରେ ଜୁନ ୨୩ ତାରିଖ ସନ୍ଧ୍ୟା ସମୟରେ ଏକ ମାଙ୍କଡ ଚାରି ଜଣ ଲୋକଙ୍କୁ କାମୁଡ଼ି ଆହତ କରିଥିବା ଘଟଣା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ କିଛି ଦିନ ହେବ ବିନାୟକପୁର ପଞ୍ଚାୟତ ରେ ଏକ ମାଙ୍କଡ ଆତଙ୍କ ସୃଷ୍ଟି କରିଛି। ରାସ୍ତା ଘାଟରେ ଯାହାକୁ ଦେଖୁଛି କାମୁଡ଼ି ଦେଉଛି। ପଞ୍ଚାୟତବାସୀ ମାନେ ବାସୁଦେବପୁର ବନ ବିଭାଗ କୁ ଅଭିଯୋଗ କରିବା ପରେ ବନ ବିଭାଗ କର୍ମଚାରୀ ମାନେ ମାଙ୍କଡ ଧରିବାକୁ ଚେଷ୍ଟା କରିଥିଲେ କିନ୍ତୁ ମାଙ୍କଡକୁ ଧରିବାରେ ସଫଳ ହୋଇନଥିଲେ। ଫଳରେ ଗତକାଲି ପୁଣି ଚାରି ପାଞ୍ଚ ଜଣଙ୍କୁ ମାଙ୍କଡ଼ କାମୁଡି ଗୁରୁତର କରିଦେଇଛି। ଗୁରୁତର ଆହତ ହୋଇଥିବା ଲୋକ ଙ୍କୁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ମାଙ୍କଡ଼ ଭୟରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି, ଯାହାଫଳରେ ଲୋକମାନେ ଭୟଭୀତ ଅବସ୍ଥାରେ ରହିଛନ୍ତି।

ଗଣତନ୍ତ୍ରର ମୂଳ ଭିତ୍ତି ନିର୍ଭୁଲ ଭୋଟର ତାଲିକା

ଦଳବାଡ଼ରେ ବିଏଲ୍‌ଓ–ବିଏଲ୍‌ଏଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ

ଫୁଲନଖରା,୨୫।୬ : ଦେଶର ନିର୍ବାଚନ ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ, ନିର୍ଭୁଲ ଓ ଗଣତାନ୍ତ୍ରିକ କରିବା ଲକ୍ଷ୍ୟରେ ଚାଲିଥିବା ସ୍ପେଶାଲ ଇଣ୍ଟେନ୍ସିଭ ରିଭିଜନ (ଏସ୍. ଆ ଇ.ଆର୍)-୨୦୨୬ କାର୍ଯ୍ୟକ୍ରମ ଅନ୍ତର୍ଗତ ନିଆଳି ବିଧାନସଭା କ୍ଷେତ୍ରର ବାରଙ୍ଗ ବ୍ଲକ ୩୩ ନମ୍ବର ଜୋନର ବୁଥ୍ ନମ୍ବର–୬, ଦଳବାଡ଼ ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବି. ଏଲ୍. ଓ ,ବି.ଏଲ୍ ଏ ଓ ବିଏଲ୍ ଓ ସୁପରଭାଇଜରଙ୍କ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ବାରଙ୍ଗ ତହସିଲଦାର ଯୋଗ ଦେଇଥିଲେ । ଏହି ବୈଠକରେ ଆଗାମୀ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ଅଧିକ ସୁଚାରୁ ଭାବେ ପରିଚାଳନା କରିବା



ଏବଂ ଯୋଗ୍ୟ ମତଦାତାଙ୍କ ନାମ ତାଲିକାରେ ସଠିକ ଭାବେ ଅନ୍ତର୍ଭୁକ୍ତ କରିବା ଉପରେ ଆଲୋଚନା ହୋଇଥିଲା ।ବୈଠକରେ ସମ୍ପୃକ୍ତ ବୁଥର ବୁଥ୍ ଲେଭେଲ୍ ଅଫିସର ପ୍ରଭାତ କୁମାର ରଥ ଉପସ୍ଥିତ ରହି କ୍ଷେତ୍ରସ୍ତରରେ ଭୋଟର ତାଲିକା ପ୍ରସ୍ତୁତି, ନୂତନ ଭୋଟର ଅନ୍ତର୍ଭୁକ୍ତି, ମୃତ ଓ ସ୍ଥାନାନ୍ତରିତ ଭୋଟରଙ୍କ ତଥ୍ୟ ସଂଗ୍ରହ ସମ୍ପର୍କରେ ବିସ୍ତୃତ ମତ ରଖିଥିଲେ। ସେହିପରି ବୈଠକରେ ବୁଥ୍ ଲେଭେଲ୍ ଏଜେଣ୍ଟ ଭାବେ ପ୍ରଦୀପ କୁମାର ସୁନ୍ଦରରାୟ ଓ ହିମାଂଶୁ ଶେଖର ମହାପାତ୍ର ଯୋଗଦେଇ ନିର୍ବାଚନ ପ୍ରକ୍ରିୟାରେ ରାଜନୈତିକ ଦଳମାନଙ୍କ ସହଯୋଗ ଏବଂ ଭୋଟର ତାଲିକାର ତ୍ରୁଟି ସଂଶୋଧନ ପାଇଁ ଆବଶ୍ୟକ ସମନ୍ୱୟ ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସ୍ତରରେ ସଚେତନତା ସୃଷ୍ଟି ଏବଂ ଘରକୁ ଘର ବୁଲି ସୂଚନା ସଂଗ୍ରହ ପାଇଁ ନିୟୋଜିତ ସ୍ୱେଚ୍ଛାସେବୀମାନେ ମଧ୍ୟ ଉପସ୍ଥିତ ରହିଥିଲେ। ଅଙ୍ଗନଓ୍ୱାଡି କର୍ମୀ ସଞ୍ଜୁକ୍ତା ଶତପଥୀ , ବୀଣାପାଣି ସାହୁ, ଆଶାକର୍ମୀ ଖୁଲଣା ଭୋଇ, ସବିତା କାନ୍ତି ଏବଂ ସରକାରୀ କର୍ମଚାରୀ ପ୍ରଶାନ୍ତ କୁମାର ଦାଶ ପ୍ରମୁଖ ଭୋଟର ସଚେତନତା ଅଭିଯାନକୁ ଅଧିକ ବ୍ୟାପକ କରିବା ପାଇଁ ନିଜ ନିଜ ମତାମତ ରଖିଥିଲେ। ବୈଠକରେ ସୁପରଭାଇଜର ପ୍ରଦୀପ କୁମାର ବାରିକ ଉପସ୍ଥିତ ରହି ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ କାର୍ଯ୍ୟ ପରିଚାଳନା, ଭୋଟର ତାଲିକାରେ ଯୋଗ୍ୟ ବ୍ୟକ୍ତିଙ୍କ ନାମ ଅନ୍ତର୍ଭୁକ୍ତି, ଡୁପ୍ଲିକେଟ ଓ ତ୍ରୁଟିପୂର୍ଣ୍ଣ ତଥ୍ୟ ଅପସାରଣ ସହ ମତଦାତା ସଚେତନତା କାର୍ଯ୍ୟକ୍ରମକୁ ଜୋରଦାର କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati   Executive Editor : Satyajit Mohapatra   Managing Editor : Jitendra Ku. Pati